ମୟୂରଭଞ୍ଜ : ଏକ ଦୃଷ୍ଟିପାତ

ଦ୍ୱିଜ କିଶୋର ପଣ୍ଡା ⁕ ମନୋଜ ଦଳବେହେରା

Digitized by srujanika@gmail.com

ମୟୂରଭଞ୍ଜ : ଏକ ଦୃଷ୍ଟିପାତ

ଦ୍ୱିଜ କିଶୋର ପଣ୍ଡା
ମନୋଜ ଦଳବେହେରା

ଜ୍ଞାନ ବିହାର
ଜ୍ଞାନମେବ ଜୟତେ

Digitized by srujanika@gmail.com

ମୟୂରଭଞ୍ଜ ଏକ ଦୃଷ୍ଟି ପାତ

ରଚନା

ବ୍ରଜ କିଶୋର ପଣ୍ଡା
ମନୋଜ ଦଳବେହେରା
ବାରିପଦା - ୭୫୭୦୦୧
ମୟୂରଭଞ୍ଜ

ପ୍ରକାଶକ

ଜ୍ଞାନ ବଜାର
ବାରିପଦା - ୭୫୭୦୦୧
ମୟୂରଭଞ୍ଜ

ଫଟୋଗ୍ରାଫି ଏବଂ ସଜ୍ଜା
ଅଶୋକ କୁମାର ପଣ୍ଡା

ମୁଦ୍ରାକର
ଭାଗ୍ୟଶ୍ରୀ ପ୍ରିଣ୍ଟିଂ ପ୍ରେସ
[illegible]
ବାରିପଦା

ପ୍ରଥମ ପ୍ରକାଶନ
୧୯୯୮, ଡିସେମ୍ବର - ୨୫

ମୂଲ୍ୟ
୫ ଟଙ୍କା ମାତ୍ର
(ପାଞ୍ଚ ଟଙ୍କା ମାତ୍ର)

Digitized by srujanika@gmail.com

ପୁସ୍ତକ ସଂପର୍କରେ ପଦେ......

ଉକ୍ତ ପୁସ୍ତକଟିକୁ ଲେଖି ପ୍ରକାଶ କରିବା ପୂର୍ବରୁ ଆମେ ଶିଶୁ ସାହିତ୍ୟ ରଚନା କରିବା ବ୍ୟତୀତ ପ୍ରକାଶ କରିବାର ସ୍ୱପ୍ନ ମଧ୍ୟ କେବେ ଦେଖିନଥିଲୁ । ମାତ୍ର ପରେ ଅନେକ ଅକ୍ଲାନ୍ତ ପରିଶ୍ରମ, ଅଦମ୍ୟ ଉଦ୍ୟମ ବଳରେ "ଛନଦଛାଇ" ନାମକ ପ୍ରକାଶନ ସଂସ୍ଥାଟିଏ ପ୍ରତିଷ୍ଠା କରି ପିଲାମାନଙ୍କ ମଧ୍ୟରେ ଜ୍ଞାନ ବିତରଣ କରିବାର ଉଦ୍ଦେଶ୍ୟ ନେଇ ଉଦ୍ୟମଟିଏ ଆରମ୍ଭ କରାଯାଇଥିଲା । ସେ ଦିଗରେ ଆମେ କେତେଦୂର ସଫଳ ହୋଇଛୁ ଜାଣିନା । ତେବେ ମୟୂରଭଞ୍ଜର ଇତିହାସ ଉପରେ ପୁସ୍ତକଟିଏ ପ୍ରକାଶ କରିବାର ଏ ପ୍ରଥମ ସାହସିକ ଉଦ୍ୟମ ଆମେ କରିଛୁ ତାହା କେତେଦୂର ସଫଳ ହୋଇଛି ତାହାର ବିଚାରଭାର ଆପଣମାନଙ୍କ ଉପରେ ନିର୍ଭର କରେ । ଅବଶ୍ୟ ଏ କ୍ଷୁଦ୍ର ପୁସ୍ତକ "ମୟୂରଭଞ୍ଜ : ଏକ ଦୃଷ୍ଟିପାତ"ରେ ଆମେ ମୟୂରଭଞ୍ଜର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ସକ୍ଷମ ହୋଇପାରିନାହୁଁ । ତାହାର ଚେଷ୍ଟା କରିବୁ ଦ୍ୱିତୀୟ ସଂସ୍କରଣରେ । ତଥାପି ସମ୍ପୂର୍ଣ୍ଣ ଇତିହାସଟିଏ ପ୍ରକାଶ କରିବାର କ୍ଷେତ୍ର ସୃଷ୍ଟି କରିବାରେ ଏ ପୁସ୍ତକ ଯେ ଭିତ୍ତି ପ୍ରସ୍ତର ହୋଇପାରିଛି ଏଥିରେ କେହି ବୋଧହୁଏ ଦ୍ୱିମତ ହେବେ ନାହିଁ ।

ଏ ପୁସ୍ତକରେ ସନ୍ନିବେଶିତ ବିଭିନ୍ନ ତଥ୍ୟ ସଂଗ୍ରହ କରିବାରେ ମୟୂରଭଞ୍ଜର ବିଭିନ୍ନ ପତ୍ର ପତ୍ରିକା, ସାହିତ୍ୟ ସଂସ୍ଥା, ତଥା ସାହିତ୍ୟିକ ମାନଙ୍କର ସହଯୋଗ ନିଆଯାଇଛି । ମୟୂରଭଞ୍ଜର ବିଭିନ୍ନ ଐତିହାସିକ ସ୍ଥାନର ଫୋଟ (ବ୍ଲକ ସହିତ) ସୌଖୀନ ଫୋଟଗ୍ରାଫର ସାହିତ୍ୟ ପ୍ରେମୀ ଅଶୋକ କୁମାର ପଣ୍ଡାଙ୍କଠାରୁ ସଂଗ୍ରହ କରାଯାଇଛି । ସେଥିପାଇଁ ଆମେ ସେମାନଙ୍କ ନିକଟରେ ଋଣୀ ରହିଲୁ ।

ସ୍ୱଳ୍ପ ସମୟ, ସ୍ୱଳ୍ପ ମୂଲ୍ୟ ଭିତରେ ଏ ପୁସ୍ତକର ଜନ୍ମ । ତେଣୁ ଏହାର ଭୁଲ ତ୍ରୁଟି ଆପଣମାନେ ଉଦାର ହୃଦୟରେ ମାର୍ଜନା କରିବେ ବୋଲି ଆମର ଆଶା ଓ ବିଶ୍ୱାସ ।

ବାରିପଦା
ତା ୨୫-୧୨-୮୮

ଦ୍ୱିଜ କିଶୋର ପଣ୍ଡା
ମନୋଜ ଦଳବେହେରା

Digitized by srujanika@gmail.com



ମୟୂରଭଞ୍ଜର ତତ୍କାଳୀନ ରାଜ ଉଆସ ଆଜିର ମହାବିଦ୍ୟାଳୟ ।

Digitized by srujanika@gmail.com



ବାରିପଦା ଦକ୍ଷିଣରେ ବୁଢ଼ାବଳଙ୍ଗ କୂଳରେ ଅବସ୍ଥିତ ରାଣୀବାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସହଧର୍ମିଣୀ ମହାରାଣୀ ଲକ୍ଷ୍ମୀକୁମାରୀଙ୍କ ସ୍ମୃତିରେ ତିଆରି ହୋଇଥିଲା । ପଶୁପକ୍ଷୀଙ୍କ ଶ୍ରେଷ୍ଠ ଚିଡ଼ିଆଖାନାଟିଏ ଏଥିରେ ଥିଲା । ଟେଲେଣା ରେଳଟିଏ ମଧ୍ୟ ଚାଲୁଥାଏ (ପୂର୍ବରୁ ରେଳଲାଇନର ଭଂଗାବଶେଷର ଫଟୋ ବାହାରିଛି) । ଏ ଗୋଟିଏ ବଗିଚାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କରାଯାଇଥିବା ପାଣିଫୁଆରାର ଭଗ୍ନାବଶେଷ ।

Digitized by srujanika@gmail.com



ରାଜା ଅମଳରେ ବାଘ ରହୁଥିବା ସ୍ଥାନ (ବାଘଘର) ଏବର ମଣିଷମାନଙ୍କ ବାସସ୍ଥଳୀ ।

Digitized by srujanika@gmail.com

ସଂକ୍ଷିପ୍ତ ଇତିହାସ :—

ମାନବ ପୃଥିବୀ ପୃଷ୍ଠରେ କେବେଠାରୁ ବସତି ସ୍ଥାପନ କଲା ଠିକ ଭାବରେ ଜଣା ନାହିଁ । ତେବେ ମୟୂରଭଞ୍ଜ ଯେ ଏକ ପ୍ରାଚୀନତମ ସ୍ଥାନ ସମ୍ବନ୍ଧ ପୌରାଣିକ ଉପାଖ୍ୟାନ ଏହା ସପକ୍ଷରେ ମତ ଦିଏ ।

ମୟୂରଭଞ୍ଜର ନାମ କିପରି ମୟୂରଭଞ୍ଜ ହେଲା ଏ ସମ୍ବନ୍ଧରେ ବିଭିନ୍ନ ମତ ପ୍ରଚଳିତ । ପ୍ରାଚୀନ କାଳରେ ଏହା ଘୋର ଅରଣ୍ୟମୟ ଥିଲା । ଏହି ଅରଣ୍ୟ ମଧ୍ୟରେ ଦେବୀ କିଚକେଶ୍ୱରୀଙ୍କ ଆସ୍ଥାନ ଥିଲା । ବଣୁଆ ଲୋକେ ତାଙ୍କୁ ପୂଜା କରୁଥିଲେ । ଦେବୀ ସେମାନଙ୍କ ଇଚ୍ଛା ପୂରଣ କରୁଥିଲେ । କ୍ରମେ ଲୋକସଂଖ୍ୟା ବଢ଼ିବାରୁ ସେମାନଙ୍କର ଜଣେ ତତ୍ତ୍ୱାବଧାରକ ଲୋଡ଼ା ଦରକାର ବୋଲି ସେମାନେ ଅନୁଭବ କଲେ । ସେମାନେ ଦେବୀ କିଚକେଶ୍ୱରୀଙ୍କୁ ପ୍ରାର୍ଥନା କରି କହିଲେ, "ମା ! ଆମକୁ ଜଣେ ରାଜା ଦିଅ, ଯିଏକି ଆମର ଭଲମନ୍ଦ ବୁଝିବ ଓ ଦୁଷ୍ଟ ଲୋକଙ୍କୁ ଶାସନ କରିବ ।" ଦେବୀ ପ୍ରସନ୍ନ ହୋଇ କହିଲେ, "କୌଣସି ବଂଶୀ ନହେଲେ କେହି ରାଜା ହୋଇପାରିବ ନାହିଁ । ତେବେ ତୁମେମାନେ ଯଦି ଏହାହିଁ ଇଚ୍ଛା କରୁଛ, ମୁଁ ତାହା ପୂରଣ କରିବି । ଯେଉଁ ମୟୂର ଅଣ୍ଡାଟି ମୁଁ ତୁମକୁ ଦେଉଛି, ତାକୁ ଭାଙ୍ଗିଦେବ । ସେଥିରୁ ତୁମ ରାଜା ବାହାରିବେ ।" ଏହା କହି ଦେବୀ ଅନ୍ତର୍ଦ୍ଧାନ ହୋଇଗଲେ । ତା'ପରଦିନ ସକାଳେ ଲୋକମାନେ ଦେଖିଲେ ଦେବୀଙ୍କ ଆସ୍ଥାନ ନିକଟରେ ମୟୂର ଅଣ୍ଡାଟିଏ ପଡ଼ିଛି । [illegible] ଅନୁସାରେ ଲୋକେ ସେହି ଅଣ୍ଡାଟିକୁ ଭାଙ୍ଗିଲେ । ସେଥିରୁ ଗୋଟିଏ ଦିବ୍ୟ ସୁନ୍ଦର ଶିଶୁ ଜନ୍ମଲାଭ କଲେ । ତାଙ୍କୁ ଲୋକେ ଆଦର ଯତ୍ନ ସହକାରେ ଲାଳନ ପାଳନ କଲେ । ବଡ଼ ହେଲା ପରେ ଲୋକେ ତାଙ୍କୁ ରାଜା ବୋଲି ମାନିଲେ ଏବଂ ନାମ ଦେଲେ "ଆଦିଭଞ୍ଜ" । ଏହି ଆଦିଭଞ୍ଜଙ୍କ ବଂଶଧରମାନେ ହେଲେ ଭଞ୍ଜ

Digitized by srujanika@gmail.com

ବଂଶୀୟ ରାଜା । ଯେଉଁଠାରେ ଅଣ୍ଡାଟି ଭଙ୍ଗାଯାଇଥିଲା ସେ ସ୍ଥାନରେ ଆଦିଭଞ୍ଜ ଏକ ନଅର ବସାଇଲେ । ତାର ନାମ ହେଲା "ଭଞ୍ଜ ନଅର" ଏବଂ ସେ ରାଜ୍ୟର ନାମ ହେଲା "ମୟୂରଭଞ୍ଜ ।"

ମୟୂରଭଞ୍ଜର ନାମକରଣ ବିଷୟରେ କେତେକେ ଆଉ ଏକ ମତ ପୋଷଣ କରିଥାନ୍ତି । ପୁରାତନ ରାଜପୁତନା ଅଞ୍ଚଳରୁ ଜୟସିଂହ ନାମକ ଜଣେ ଯୁବକ ଜଗନ୍ନାଥ ଦର୍ଶନ ପାଇଁ ଆସି ଓଡ଼ିଶାର ଗଜପତି ରାଜାଙ୍କର ଆତିଥ୍ୟ ଗ୍ରହଣ କରିଥିଲେ । ପରେ ସେ ଗଜପତି ରାଜାଙ୍କର କନ୍ୟାକୁ ବିବାହ କଲେ ଏବଂ ହରିହରପୁର ଅଞ୍ଚଳ (ପୁରାତନ ମୟୂରଭଞ୍ଜ) ଯୌତୁକ ସ୍ୱରୂପ ପାଇଥିଲେ । ସେ ରାଜା ମୟୂରଧ୍ୱଜଙ୍କୁ ପରାସ୍ତ କରି ତାଙ୍କର ଗର୍ବ ଭାଙ୍ଗିଥିବାରୁ ତାଙ୍କୁ "ଭଞ୍ଜ" ଉପାଧିରେ ଭୂଷିତ କରାଯାଇଥିଲା । ତାଙ୍କ ରାଜତ୍ୱ କାଳରୁ ରାଜ୍ୟର ନାମ ମୟୂରଭଞ୍ଜ ହେଲା । କବିବର ରାଧାନାଥ ରାୟ ତାଙ୍କ "ଉଷା" କାବ୍ୟରେ ଯେଉଁ ଜୟନ୍ତ ଏବଂ ଉଷାର କାହାଣୀ ଲେଖି ଯାଇଛନ୍ତି ସେଇ ଜୟନ୍ତ ହିଁ ମୟୂରଧ୍ୱଜ ନାମରେ ପରିଚିତ ହୋଇଥିଲେ ବୋଲି କୁହାଯାଏ । କିନ୍ତୁ ଏହି ତଥ୍ୟର ଐତିହାସିକ ସତ୍ୟତା ବିଷୟରେ ସନ୍ଦେହ ହୁଏ ।

ଅନ୍ୟ ଏକ ମତାନୁଯାୟୀ ମଧ୍ୟ ମୁର୍ଯ୍ୟୀସ୍ଥ ଦୁଇ ଶାସକ ରାଜବଂଶ "ମୟୂର" (ବା ମୌର୍ଯ୍ୟ) ଏବଂ 'ଭଞ୍ଜ' ନାମ ଅନୁସାରେ ମୟୂରଭଞ୍ଜ ନାମକରଣ କରାଯାଇଛି ବୋଲି କୁହାଯାଏ । ପୁରାତନ ମୟୂରଭଞ୍ଜ ରାଜ୍ୟର ନାମ ଥିଲା ଖିଜିଙ୍ଗା କୋଟ୍ଟ (ଖିଜି) । ସେତେବେଳେ ଏହାକୁ ଖିଜିଙ୍ଗା ମଣ୍ଡଳ କୁହାଯାଉଥିଲା । ଏହି ଖିଜିଙ୍ଗା ମଣ୍ଡଳରେ ଭଞ୍ଜବଂଶର ରାଜାମାନେ ରାଜତ୍ୱ କରୁଥିବାବେଳେ ବଣେଇ ମଣ୍ଡଳରେ ମୟୂରବଂଶୀ ରାଜାମାନେ ରାଜତ୍ୱ କରୁଥିଲେ । ଏହି ଦୁଇ ରାଜବଂଶ ମଧ୍ୟରେ ଜାତି [illegible] ଥିଲା । [illegible] ରାଜତ୍ୱ କାଳରେ ମୟୂରବଂଶୀ [illegible] । [illegible] ଏବଂ [illegible] ଖିଜିଙ୍ଗା କୋଟ୍ଟରେ [illegible] ଏକ [illegible] ଖିଜିଙ୍ଗା କୋଟ୍ଟ ([illegible] -

Digitized by srujanika@gmail.com

" ଓଁ ରାଜ୍ୟେ ଶ୍ରୀ ରଣା ଭଞ୍ଜସ୍ୟ ଲେଖକେଣ ଭରଦ୍ୱାଜସ୍ୟମ୍
ଶ୍ରୀ ଧରଣୀ ବରାହେଣ ସହ ଲକ୍ଷ୍ମ୍ୟା ଖନିମଁତେନ ।"

ବଙ୍ଗର ସୁଲତାନ ଫିରୋଜଶାହ ତୋଗଲକ୍ ୧୩୬୧ ଖ୍ରୀଷ୍ଟାବ୍ଦରେ ଖିଜିଙ୍ଗ କୋଟ ଲୁଣ୍ଠନ କରି ଏହାର ଧ୍ୱଂସ ସାଧନ କରିଥିଲେ । ତାପରେ ରାଜଧାନୀ ଖିଜିଙ୍ଗକୋଟରୁ "ବଣକୋଟିଗଡ଼"କୁ ସ୍ଥାନାନ୍ତରିତ ହୋଇଥିଲା । ବଣ ଜଙ୍ଗଲ କାଟି ଗଡ଼ ତିଆରି କରାଯାଇଥିବାରୁ ଏହାକୁ ବଣକୋଟିଗଡ଼ କୁହାଗଲା । ପରେ ମହାରାଜା ହରିହର ଭଞ୍ଜଦେଓ ଏହି ଗଡ଼କୁ ସୁଦୃଢ଼ କରିଥିଲେ । ତାଙ୍କର ନାମ ଅନୁସାରେ ବଣକୋଟିଗଡ଼ର ନାମ ହରିହରପୁର ହେଲା । (ଏବେ ଏହାକୁ ହରିପୁର କୁହାଯାଉଛି) ରାଜଧାନୀ ସ୍ଥାନାନ୍ତରିତ ହେବା ପରେ ରାଜ୍ୟର ନାମକୁ ଖିଜିଙ୍ଗ ମଣ୍ଡଳ ରଖିବାର ଯଥାର୍ଥତା ନଥିବାରୁ ଦୁଇ ରାଜବଂଶ "ମୟୂର" (ମୌର୍ଯ୍ୟ) ଏବଂ 'ଭଞ୍ଜ'କୁ ଯୋଡ଼ି ମୟୂରଭଞ୍ଜ ରଖାଗଲା ।

ସେତେବେଳେ କିନ୍ତୁ ମୟୂରଭଞ୍ଜ ଆଜିର ମୟୂରଭଞ୍ଜ ଜିଲ୍ଲା ପରି ଏତେ ଛୋଟ ନଥିଲା । ବିହାର ପ୍ରଦେଶର ସିଂଭୂମ, ବଙ୍ଗଳାର ମେଦିନୀପୁର, ଓଡ଼ିଶାର କେନ୍ଦୁଝର, ନୀଳଗିରି ପ୍ରଭୃତି ଅଞ୍ଚଳ ମୟୂରଭଞ୍ଜ ରାଜ୍ୟର ଅନ୍ତର୍ଭୁକ୍ତ ଥିଲା । ପ୍ରାୟ ୧୬ ଶହ ବର୍ଷରୁ ଅଧିକ କାଳ ଭଞ୍ଜ ବଂଶର ରାଜାମାନେ ମୟୂରଭଞ୍ଜ ରାଜ୍ୟକୁ ଶାସନ କରିଥିଲେ । ବିଭିନ୍ନ ସମୟରେ ଖୋଦିତ ତାମ୍ରଫଳକ ତଥା ଶିଳାଲିପିଗୁଡ଼ିକରୁ ମୟୂରଭଞ୍ଜ ରାଜ୍ୟର ବିଶାଳତା ବିଷୟରେ ଜଣାପଡ଼େ । ରଣା ଭଞ୍ଜଙ୍କ ପୁତ୍ର ଶତ୍ରୁଭଞ୍ଜ ଜଣେ ଅତ୍ୟନ୍ତ ପରାକ୍ରମଶାଳୀ ରାଜା ଥିଲେ । ସେ ଅନେକ ସାମନ୍ତ ରାଜାଙ୍କୁ ଯୁଦ୍ଧରେ ପରାସ୍ତ କରିଥିଲେ । ସେ ପାଟଳିପୁତ୍ର, ଗୟା, ବର୍ଦ୍ଧମାନ, ଗୌହାଟି, ତାମ୍ରଲିପ୍ତ, ତୋଶାଳୀ ପ୍ରଭୃତିର ରାଜାମାନଙ୍କୁ ଏକ ଲକ୍ଷ ଗାଈ ଦାନ କରିଥିଲେ । ଭିକ୍ଷୁକ ତଥା ବ୍ରହ୍ମଚାରୀମାନଙ୍କ ପାଇଁ ମଠ, ବିହାର ପ୍ରଭୃତି ନିର୍ମାଣ କରିବା ସଙ୍ଗେ ସଙ୍ଗେ ପୁରାଣ ଶାସ୍ତ୍ର, ବ୍ୟାକରଣ, ଜ୍ୟୋତିଷ, ନ୍ୟାୟ, ମୀମାଂସା, ଛନ୍ଦ, ସ୍ମୃତି, ବେଦୋପବେଦ, କଳା ଏବଂ ବା ନ ଶି ପାଇଁ ହଜାର ହଜାର ସ୍ୱର୍ଣ୍ଣମୁଦ୍ରା ଦାନ କରିଥିଲେ । ତାଙ୍କ ପରେ

Digitized by srujanika@gmail.com

ତ୍ରିବିକ୍ରମ ଭଞ୍ଜ, ରଘୁନାଥ ଭଞ୍ଜ, ଚକ୍ରଧର ଭଞ୍ଜ, ଦାମୋଦର ଭଞ୍ଜ ପ୍ରଭୃତି କ୍ଷମତାଶାଳୀ ରାଜାମାନେ ମୟୂରଭଞ୍ଜରେ ରାଜତ୍ୱ କରିଥିଲେ ।

ବୈଦ୍ୟନାଥ ଭଞ୍ଜ ହରିହରପୁର ରାଜସିଂହାସନ ଆରୋହଣ କରି ସେଠାରେ ବହୁ ଦେବାଦେବୀଙ୍କ ମନ୍ଦିର ସ୍ଥାପନା କରି ପୁରୀ ଓ କନୌଜରୁ ବୈଦିକ ବ୍ରାହ୍ମଣ ମାନଙ୍କୁ ଆଣି ହରିହରପୁର ନିକଟବର୍ତ୍ତୀ ସ୍ଥାନ ମାନଙ୍କରେ ସେମାନଙ୍କୁ ନିଷ୍କର ଜମି ପ୍ରଦାନ କରି ଶାସନମାନ ବସାଇଥିଲେ । ହରିହରପୁର ରାଜ-ପ୍ରାସାଦର କେତେକ ଭଗ୍ନାବଶେଷ ଅଦ୍ୟାବଧି ଦେଖିବାକୁ ମିଳେ । ମୟୂରଭଞ୍ଜ ରାଜ୍ୟର ପ୍ରତ୍ନତତ୍ତ୍ୱବିତ୍ ସ୍ୱ ପରମାନନ୍ଦ ଆଚାର୍ଯ୍ୟ ହରିହରପୁର ଗଡ଼ ଖନନ କରି ପ୍ରାସାଦର କେତେକ ଅଂଶ ଉଦ୍ଧାର କରିବାକୁ ସକ୍ଷମ ହୋଇଥିଲେ । ପ୍ରାସାଦ ଅଗଣାର ଦକ୍ଷିଣ ପଶ୍ଚିମ ଭାଗରେ ରାଣୀହଂସପୁରର ଭଗ୍ନାବଶେଷ ଦେଖିବାକୁ ମିଳେ ଓ ସେଥିରେ ସ୍ନାନାଗାର ମଧ୍ୟ ଅଛି । ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଅବହେଳାରେ ରହିଛି ଏବଂ କେତେକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି । ରାଣୀହଂସପୁର ନିକଟରେ ରହିଛି ରାଜ ମନ୍ଦିର, ଉତ୍ତର ପଟରେ ଦରବାର ପ୍ରକୋଷ୍ଠ ଓ ଶୋଭା-ଘାଟର ଚିହ୍ନ ମଧ୍ୟ ଦେଖିବାକୁ ମିଳେ । ଏହାର ତୋରଣମାନ ଏବଂ ପ୍ରକୋଷ୍ଠର କାରୁକାର୍ଯ୍ୟ ଅତି ସୂକ୍ଷ୍ମ ଓ ସୌନ୍ଦର୍ଯ୍ୟପୂର୍ଣ୍ଣ । ଏହାଛଡ଼ା ଖନନ କାର୍ଯ୍ୟ ପରେ କେତେକ ପ୍ରକୋଷ୍ଠ ଓ କୂପର ସନ୍ଧାନ ମିଳିଛି ଏବଂ ସେତେବେଳେ ବ୍ୟବହୃତ ହେଉଥିବା ମାଟିପାତ୍ର ମଧ୍ୟ ଦେଖିବାକୁ ମିଳିଛି । ସମ୍ପୂର୍ଣ୍ଣ ଗ୍ରାଟେଡ ଗଡ଼ର ଖନନ କାର୍ଯ୍ୟ ହୋଇନଥିବା ଚିହ୍ନିତ ବହୁ ଶ୍ରେଣୀ ଜଣା ପଡ଼ିନାହିଁ । ପ୍ରାସାଦର ଉତ୍ତର ପଶ୍ଚିମ ଭାଗରେ ରାଧାମୋହନଙ୍କ ମନ୍ଦିର ଇଟା ଓ ଚୂନରେ ନିର୍ମାଣ ହୋଇଥିବା ପ୍ରମାଣ ମିଳିଛି । ସେହି ରସିକରାୟ ମନ୍ଦିର ଅଦ୍ୟାବଧି ମୂର୍ତ୍ତି ଟେକା ଛଡ଼ା ହୋଇଛି ତା ର ଉପରିଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇ ନଥିଲେ ମଧ୍ୟ ତଳ ଭାଗରେ ବହୁ ପଥରମାନେ କ୍ଷତ ହୋଇଛି । ରସିକରାୟଙ୍କ ମନ୍ଦିର ବେଢ଼ା ମଧ୍ୟରେ ଥିବା ଜଗନ୍ନାଥ ମୂର୍ତ୍ତିକୁ ପ୍ରଜା ପଦ୍ମଙ୍କୁ ସ୍ଥାନାନ୍ତରିତ କରି ସେଠାରେ ପୂଜା କରାଯାଉଛି । ଏ ସମସ୍ତ ମନ୍ଦିର ଗୌଡ଼ୀୟ ଶୈଳୀରେ ତିଆରି । କାରଣ ଭଞ୍ଜବଂଶ ରାଜାମାନେ ପ୍ରାୟ ଗୌଡ଼ୀୟ ଧର୍ମାବଲମ୍ବୀ ବୋଲି ପ୍ରମାଣିତ ହୋଇଛି । ହରିପୁର ନିକଟସ୍ଥ

Digitized by srujanika@gmail.com

ଉପରଡାର ବାଉଁଶବଣ ଭିତରେ ମା'ଦୁର୍ଗାଙ୍କ ଏକ ପ୍ରସ୍ତର ମୂର୍ତ୍ତି ରହିଛି ଓ ତାଙ୍କ ପାର୍ଶ୍ୱରେ କୋଠାବାସିନୀ ଠାକୁରାଣୀଙ୍କ ମୂର୍ତ୍ତି ଅବସ୍ଥିତ ।

ଦାମୋଦରଭଞ୍ଜଙ୍କ ରାଜତ୍ୱକାଳରେ ମରହଟ୍ଟାମାନେ ମୟୂରଭଞ୍ଜ ଆକ୍ରମଣ କରିଥିଲେ । ଏହି ଆକ୍ରମଣରେ ଦାମୋଦରଭଞ୍ଜଙ୍କ ମୃତ୍ୟୁ ହୋଇଥିଲା । ଏହାପରେ ମୟୂରଭଞ୍ଜ ଅରାଜକ ହୋଇଗଲା । ରାଣୀ ସୁମିତ୍ରା ଦେବୀ ସ୍ୱାମୀଙ୍କ ମୃତ୍ୟୁପରେ ରାଜସିଂହାସନ ଅଧିରୋହଣ କରିଥିଲେ । ତାଂପରେ ହରିହରପୁର ଠାରେ ରାଜଧାନୀ ନରଖି ବାରିପଦାକୁ ସ୍ଥାନାନ୍ତରିତ କରି ରାଜ୍ୟ ପରିଚାଳନା କରିଥିଲେ ।

୧୮୧୧ ମସିହାରେ ମହାରାଣୀ ସୁମିତ୍ରା ଦେବୀଙ୍କ ମୃତ୍ୟୁ ପରେ ଯେଉଁ ପୋଷ୍ୟପୁତ୍ର ମୟୂରଭଞ୍ଜର ଶାସନ କାର୍ଯ୍ୟ ଗ୍ରହଣ କରିଥିଲେ ତାଙ୍କ ନାମ ତ୍ରିବିକ୍ରମ ଭଞ୍ଜ । ସେ କେଓଁଝରର ରାଜବଂଶୀୟ ଥିଲେ ।

× × × ×

ତେବେ ଜଣାଯାଏ ଯେ ମୟୂରଭଞ୍ଜକୁ ୪୬ ଜଣ ରାଜା ରାଜତ୍ୱ କରିଥିଲେ । ଶେଷ ଚାରିଜଣ ରାଜା ହେଲେ କୃଷ୍ଣଚନ୍ଦ୍ର ଭଞ୍ଜଦେଓ, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଓ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ।

୧୮୮୨ ମସିହା ମେ ୨୯ ତାରିଖରେ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଦେଓ ବସନ୍ତ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ । ଏହି ସମୟରେ ତାଙ୍କ ଜ୍ୟେଷ୍ଠପୁତ୍ର ରାମଚନ୍ଦ୍ର ଭଞ୍ଜଦେଓଙ୍କୁ ମାତ୍ର ୧୧ ବର୍ଷ ହୋଇଥାଏ । ତେଣୁ ମୟୂରଭଞ୍ଜର ଶାସନ ଭାର ମି. ପି. ଓ୍ୱାଇଲିଙ୍କ ତତ୍ତ୍ୱାବଧାନରେ ରହିଲା । ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓ ଖ୍ରୀ. ୧୮୭୦, ଡିସେମ୍ବର ମାସ ୧୭ ତାରିଖରେ ଜନ୍ମଗ୍ରହଣ କରିଥିଲେ । ବାଲ୍ୟାବସ୍ଥାରେ ଅବଧାନଠାରୁ ପ୍ରାଥମିକ ଶିକ୍ଷା ପାଇ ରାମଚନ୍ଦ୍ର କଟକ ରେଭେନ୍ସା କଲେଜିଏଟ୍ ଓ କଲେଜରୁ ଏଣ୍ଟ୍ରାନ୍ସ ଓ ଏଫ୍. ଏ. ପରୀକ୍ଷାରେ ପାସ କରି ସ୍ୱରାଜ୍ୟକୁ ଫେରିଲେ । ସେହିଦିନଠାରୁ ରାଜକାର୍ଯ୍ୟ ବୁଝିବା ପାଇଁ ତାଲିମ ପାଇବାକୁ ଲାଗିଲେ । ୧୮୯୨ ମସିହା ଅଗଷ୍ଟ ୧୫ ତାରିଖରେ ସେ ମୟୂରଭଞ୍ଜ ସିଂହାସନରେ ବସିଲେ ।

Digitized by srujanika@gmail.com

ରାଜ୍ୟରେ କିପରି ଭଲ ଶାସନ ପ୍ରବର୍ତ୍ତିତ ହେବ, ପ୍ରଜାମାନେ କିପରି ଉତ୍ତମ ରୋଜଗାର କରି ଶାନ୍ତିରେ ରହିପାରିବେ — ଏହା ଥିଲା ତାଙ୍କର ମୁଖ୍ୟ ଚିନ୍ତା । ଶ୍ରୀରାମଚନ୍ଦ୍ର ରାଜ୍ୟର ସୁଶାସନ ପାଇଁ ମୟୂରଭଞ୍ଜକୁ ଚାରୋଟି ସବ୍‌ଡିଭିଜନରେ ବିଭକ୍ତ କରିଥିଲେ । ପୋଲିସ ବିଭାଗ, ଜଙ୍ଗଲ ବିଭାଗ, କେନାଲ ବିଭାଗ, ଶିକ୍ଷା ଓ ସ୍ୱାସ୍ଥ୍ୟ ବିଭାଗ ତାଙ୍କ ରାଜତ୍ୱରେ ପ୍ରଥମ କରି ରାଜ୍ୟରେ ପ୍ରଚଳନ ହେଲା । ଆଜି ଯେଉଁ "ରାତ୍ରିସ୍କୁଲ" ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ହୋଇଛି, ଶ୍ରୀରାମଚନ୍ଦ୍ରଙ୍କ ସମୟରେ ମଧ୍ୟ "ରାତ୍ରିସ୍କୁଲ"ରେ ବିନା ମୂଲ୍ୟରେ ଗରିବ ପିଲାମାନଙ୍କ ଶିକ୍ଷା ଦିଆଯାଉଥିଲା । ସମସ୍ତ ମୟୂରଭଞ୍ଜର ସର୍ଭେ କରାଇ ଜମିଜମା ଠିକ କରାଇବା ଥିଲା ତାଙ୍କର ଅନ୍ୟତମ କୃତି । ତାଙ୍କ ରାଜତ୍ୱରେ ନିର୍ମିତ ବଲଡ଼ିହା ଓ ହଳଦିଆ କ୍ଷୁଦ୍ର ତଥା ମଧ୍ୟମ ଜଳ ସେଚନ ଯୋଜନାରୁ ମୟୂରଭଞ୍ଜ ବାସୀ ଏବେ ସୁଦ୍ଧା ଜଳସେଚନର ସୁବିଧା ଉପଭୋଗ କରୁଛନ୍ତି । ଶ୍ରେଷ୍ଠ ରେଳପଥ ନିର୍ମାଣ ଓ ରେଳ ଚଳାଚଳ ଶ୍ରୀରାମଚନ୍ଦ୍ରଙ୍କ ଏକ ଅବଦାନ । ତାଙ୍କ ସମୟରେ ରୂପସାଠାରୁ ବାରିପଦା ପର୍ଯ୍ୟନ୍ତ ଏବଂ ଟାଟାନଗରଠାରୁ ଗୋରୁମହିଷାଣୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ପରେ ମହାରାଜା ପ୍ରତାପଚନ୍ଦ୍ରଙ୍କ ସମୟରେ ବାରିପଦା — ବାଙ୍ଗିରିପୋଷି — ତାଳବନ୍ଧ ପର୍ଯ୍ୟନ୍ତ ଏବଂ ଟାଟା — ଗୋରୁମହିଷାଣୀ — ବାଦାମପାହାଡ଼ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଏହି ରେଳ ଲାଇନ ବଢ଼ାଇବା ପାଇଁ ଶ୍ରୀରାମଚନ୍ଦ୍ର ଯେଉଁ ଉଦ୍ୟମ ଆରମ୍ଭ କରିଥିଲେ ତାହା ତାଙ୍କ ଅକାଳ ବିୟୋଗ ଯୋଗୁ ପୂର୍ଣ୍ଣାଙ୍ଗ ହୋଇପାରିଲା ନାହିଁ । ସେହିପରି ୧୯୦୭ ମସିହାରେ ମୟୂରଭଞ୍ଜ ରାଜ୍ୟର ଇଞ୍ଜିନିୟରିଂ ପରାମର୍ଶଦାତା ସି. ଏଚ୍. ଡଗଲାସଙ୍କ ରିପୋର୍ଟ ଅନୁଯାୟୀ କୁମ୍ଭିରବଣି ଶର୍ତ୍ତରେ ଏକ ହାଇଡ୍ରୋଇଲେକ୍‌ଟ୍ରିକ ପ୍ରୋଜେକ୍ଟ କରିବାର ଥିଲା । ଏଥିପାଇଁ ବ୍ରିଟିଶ ସରକାରଙ୍କ ସହିତ କଥାବାର୍ତ୍ତା ଚାଲିଥିଲା । ମାତ୍ର ଏହି ସମୟରେ ଶ୍ରୀରାମଚନ୍ଦ୍ରଙ୍କ ଅକାଳ ବିୟୋଗ ଘଟିଲା । ମୟୂରଭଞ୍ଜର ଖଣିମାନଙ୍କ ନାନାବିଧ ଧାତୁ, ପଥର ଉତ୍ତୋଳିତ ତଥା କାଠ, ପଥର, ଝୁଣା ଆଦି ଜଙ୍ଗଲ ରାଜ୍ୟରୁ ଉତ୍ପନ୍ନ ପଣ୍ୟଦ୍ରବ୍ୟମାନଙ୍କର ଉନ୍ନତ ସାଧନ କରିବାଦ୍ୱାରା ରାଜ୍ୟର ଆୟ ବହୁ ପରିମାଣରେ ବଢ଼ିଥିଲା । ଏହି ବୁଦ୍ଧିମାନ ମହାରାଜାଙ୍କ ଦୂରଦୃଷ୍ଟି ଯୋଗୁଁ ଗୋରୁମହିଷାଣୀ,

Digitized by srujanika@gmail.com

ବାଦାମପାହାଡ଼, ସୁଲେଇପାଟର ଲୁହାପଥର ଖଣି ଅଞ୍ଚଳରୁ ପ୍ରଚୁର ଲୁହାପଥର ଉତ୍ତୋଳନ ହୋଇପାରୁଥିଲା । ଭାରତର ବୃହତ ଲୌହ କମ୍ପାନୀ "ଟାଟା ଆଇରନ ଏଣ୍ଡ ଷ୍ଟିଲ କମ୍ପାନୀ" ଏହି ଦାୟିତ୍ୱ ନେଇଥିଲେ ।

ରାଜ୍ୟର ସୁଶାସନ ସକାଶେ ମହାରାଜା ଗୋଟିଏ କାଉନସିଲ ଗଢ଼ିଥିଲେ । ମନ୍ତ୍ରୀମାନଙ୍କ ପରାମର୍ଶ ଅନୁସାରେ ପୂର୍ବ ପ୍ରଚଳିତ ଶାସନ ପ୍ରଣାଳୀର ଅନେକ ସୁଧାର କରିଥିଲେ । ବାରିପଦା ମ୍ୟୁନିସିପାଲିଟି ୧୯୦୫ ମସିହାରେ ପ୍ରଥମ କରି ପ୍ରତିଷ୍ଠିତ ହେଲା । ସେହିସମୟରେ ମହାରାଜାଙ୍କ ଅନୁରୋଧ କ୍ରମେ ବାରିପଦାରେ ଆସି ଉତ୍କଳର କର୍ଣ୍ଣଧାର ଉତ୍କଳମଣି ଗୋପବନ୍ଧୁ ଦାସ ଏଠାର ସଇପ-ଟେମ୍ପାରିମେନ ଥିଲେ ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ କେବଳ ମୟୂରଭଞ୍ଜର ନୁହେଁ, ସମଗ୍ର ଉତ୍କଳର ଉନ୍ନତି କରିବା ପାଇଁ ପ୍ରୟାସୀ ଥିଲେ । ସେଥିପାଇଁ ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ରୂପେ ଓଡ଼ିଆ ଜାତି ତାଙ୍କୁ ବରଣ କରିଥିଲା । ଓଡ଼ିଶା ଏବଂ ଓଡ଼ିଶା ବାହାରେ ବିଭିନ୍ନ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିବା ପାଇଁ ସେ ଯଥେଷ୍ଟ ସାହାଯ୍ୟ କରୁଥିଲେ । ଓଡ଼ିଶାର ପ୍ରଥମ ମେଡ଼ିକାଲ କଲେଜ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ଓ ରେଭେନ୍ସା କଲେଜ ପ୍ରତିଷ୍ଠା ପାଇଁ ମହାରାଜାଙ୍କ ଦାନ ଅବିସ୍ମରଣୀୟ ।

ରାଜକୁଳରେ ଜନ୍ମ ଗ୍ରହଣ କରି ଗୋଟିଏ ପ୍ରଧାନ ରାଜ୍ୟର ଶାସନକର୍ତ୍ତା ହୋଇ ସେ ଯେପରି ଅଧ୍ୟବସାୟ, ନମ୍ରତା, ଶୁଦ୍ଧ ସ୍ୱଭାବ ଚରିତ୍ର ଦେଖାଇ ଯାଇ ଅଛନ୍ତି, ତାହା ଅନୁଧ୍ୟାନ କରିବା ପ୍ରତ୍ୟେକଙ୍କ କର୍ତ୍ତବ୍ୟ । ତାଙ୍କ ସ୍ୱଭାବ ଏପରି ମଧୁର ଓ ବ୍ୟବହାରରେ ସେ ଏତେ ବିନୟୀ ଯେ, ତାଙ୍କ ସଙ୍ଗେ କଥାବାର୍ତ୍ତା କଲାବେଳେ ମହାରାଜାଙ୍କ ସମ୍ମୁଖରେ ଅଭ୍ରୂର ବ୍ୟବହାରରେ ଯେପରି କଟକଣା ଦରକାର ତାହା ଭୁଲିଯିବାକୁ ହେଉଥିଲା । ନିତାନ୍ତ ଗରିବ ପ୍ରଜା ମଧ୍ୟ ଇଚ୍ଛା କଲେ ତାଙ୍କ ସଙ୍ଗେ ଦେଖା ସାକ୍ଷାତ କରି ନିଜର ଗୁହାରି

Digitized by srujanika@gmail.com

ଜଣାଇ ପାରୁଥିଲା । ସାଧାରଣତଃ ଚାକରମାନଙ୍କ ପ୍ରତି ବ୍ୟବହାରରୁ ମନୁଷ୍ୟର ଅଭ୍ୟନ୍ତରୀଣ ପ୍ରବୃତ୍ତିର ପରିଚୟ ମିଳେ ।

ଥରେ ମହାରାଜା ନିଜ ହାତରେ ଗୋଟିଏ ବ୍ୟାଗ ଧରି ଚାଲିଛନ୍ତି । ଭୃତ୍ୟ ରାଧୁ ଟିକିଏ ପଛରେ ଯାଉଛି, ଜଣେ ଏ ଘଟଣା ଦେଖି ରାଧୁକୁ କହିଲେ, ଦେଖ ରାଧୁ, ଶୀଘ୍ର ଯାଅ, ମହାରାଜା ତୁମ ଉପରେ ରାଗିବେଣି । ଏହା ଶୁଣି ସ୍ମିତ ହାସ୍ୟରେ ରାଧୁ କହନ୍ତି, "ମହାରାଜା ଆମର କେବେ ରାଗନ୍ତି ନାହିଁ ।" ବରଂ ମୁଁ ଶୋଇଥିଲେ ଦରକାର ପଡ଼ିଲେ ନିଜେ ଆସି ଧୀରେ ଉଠାନ୍ତି, କେବେ ବଡ଼ ପାଟି କରି ମଧ୍ୟ ଡାକନ୍ତି ନାହିଁ । ଏତେ ଧୈର୍ଯ୍ୟ ଓ ଉଦାର ହୃଦୟ ହୋଇ ପୁଣି ସେ ଇଚ୍ଛାକୃତ ଦୋଷ ଦେଖିଲେ ତାହାକୁ କ୍ଷମା ଦେଉ ନଥିଲେ । ବଡ଼ବଡ଼ କର୍ମଚାରୀମାନଙ୍କଠାରେ କେବେ କର୍ତ୍ତବ୍ୟରେ ତ୍ରୁଟି ପରିଲକ୍ଷିତ ହେଲେ ସେ ଯଥାବିଧି ଶାସ୍ତି ଦାନରେ କୁଣ୍ଠିତ ହେଉନଥିଲେ । ଇଚ୍ଛାକୃତ ଓ ଅଜ୍ଞାତ ତ୍ରୁଟି ମଧ୍ୟରେ ପ୍ରଭେଦ ସେ ଭଲ ଭାବରେ ବୁଝିଥିଲେ । ତାଙ୍କ ନିଜ ସ୍ୱାଚ୍ଛନ୍ଦ୍ୟରେ ତ୍ରୁଟି ଓ ରାଜକାର୍ଯ୍ୟରେ ତ୍ରୁଟି ଏହି ଦୁଇଟିରୁ ପ୍ରଥମଟିକୁ ସେ ଗୁରୁତ୍ୱ ଦେଉନଥିଲେ । ମାତ୍ର ଦ୍ୱିତୀୟ ତ୍ରୁଟି ନିମିତ୍ତ ସେ ନିକଟର ଆତ୍ମୀୟ ସ୍ୱଜନ ମାନଙ୍କୁ ମଧ୍ୟ କ୍ଷମା ନଦେଇ କଠୋର ମୂର୍ତ୍ତି ଧାରଣ କରୁଥିଲେ ।

ଥରେ ରାଜନଅରରେ ଜଣେ ଭୃତ୍ୟ ଫୌଜଦାରୀ ଆଇନ ଅନୁସାରେ କେତେଦିନ କାରାବାସ ଦଣ୍ଡ ପାଇଲା । ଷ୍ଟେଟ ଚିଫ୍‌ରପଠ ଏ ଦଣ୍ଡ ବିଧାନ କରି ଥିଲେ । ଚାକରଟି ଦଣ୍ଡିତ ହୋଇ ପୁଲିସ ଜିମା ଅଟକ ଥିଲା । ସେହି ଚାକର ରାଜପରିବାରର ଜଣେ ଶକ୍ତିଶାଳୀ ଓ ମହାରାଜାଙ୍କ ନିଜ ସମ୍ପର୍କୀୟଙ୍କର ପ୍ରିୟପାତ୍ର ଥିଲା । ଦଣ୍ଡାଜ୍ଞା ଶୁଣିପାରି ଉକ୍ତ ରାଜପୁରୁଷ ନିଜଙ୍କର ପ୍ରିୟ ଚାକରକୁ ଜବରଦସ୍ତି ପୋଲିସ ହାତରୁ ଛଡ଼ାଇ ଆଣିଲେ ଏବଂ ମୁକ୍ତ କରିଦେଲେ । ମହାରାଜା ଏ ଘଟଣାର ବିବରଣ ଶୁଣିପାରି ଉକ୍ତ ରାଜପୁରୁଷ ନାମରେ ମକଦମା କରିବା ନିମିତ୍ତ ଆଦେଶ ଦେଇ କହିଲେ, "ନ୍ୟାୟ ବିଚାରରେ ରାଜପୁରୁଷ ହୁଅନ୍ତୁ ଅଥବା ଗରିବ ପ୍ରଜା ହୁଅନ୍ତୁ, ସମସ୍ତେ ସମାନ ।" ବିଚାରରେ ଉକ୍ତ

Digitized by srujanika@gmail.com

ରାଜପୁରୁଷଙ୍କ ଶାସ୍ତି ବିଧାନ ହେଲା । ଏହି ନ୍ୟାୟ ବିଚାରରେ ପ୍ରମାଣିତ ହୁଏ ଯେ, ଯେତେ କ୍ଷମତାଶାଳୀ ହେଲେ ମଧ୍ୟ ମୟୂରଭଞ୍ଜର ନ୍ୟାୟ ବିଚାର ତାଙ୍କ ପାଇଁ କଳୁଷିତ ହୋଇ ନପାରେ ।

ଇଟାଲିର ରାଜଦୂତ ଗୋଟିଏ ପ୍ରାର୍ଥନା ସଭାର ଆହ୍ୱାନ କରି ମହାରାଜଙ୍କୁ ନିମନ୍ତ୍ରଣ କରିଥିଲେ । ଖୋଲା ପଡ଼ିଆରେ ଘାସ ଉପରେ ସମସ୍ତଙ୍କର ବସିବା ବ୍ୟବସ୍ଥା ହୋଇଥିଲା । କେବଳ ମହାରାଜାଙ୍କ ନିମନ୍ତେ ଗୋଟିଏ ଚଉକି ରଖାଯାଇଥାଏ । ସଭା ଆରମ୍ଭ ହେବାର କିଛିକ୍ଷଣ ପରେ ମହାରାଜା ଆସି ବାହାରେ ଯୋତା ଛାଡ଼ି ଖାଲି ଗୋଡ଼ରେ ସମସ୍ତଙ୍କ ସଙ୍ଗରେ ଘାସ ଉପରେ ବସିଗଲେ । ଏ ଗୋଟିଏ ସାମାନ୍ୟ ଘଟଣା ହୋଇପାରେ ମାତ୍ର ଏହିପରି ସାମାନ୍ୟ ଘଟଣାରୁ ତାଙ୍କ ହୃଦୟର ମହତ୍ତ୍ୱ ଯଥେଷ୍ଟ ପରିଚୟ ମିଳେ । ମହାରାଜା କେତେ ସରଳ ହୃଦୟ ଓ ନିରାଡ଼ମ୍ବର ଥିଲେ, ତାହା ଗୋଟିଏ ଘଟଣାରୁ ଜଣାପଡ଼େ । କଟକର ଇଂରାଜୀ ଖବର କାଗଜ "ଷ୍ଟାର ଅଫ୍ ଉତ୍କଳ"ର ସମ୍ପାଦକ ଖୀରୋଦ ବାବୁ ଥରେ କଲିକତାର ହାଓଡ଼ା ଷ୍ଟେସନରେ ମହାରାଜାଙ୍କୁ ଏକାକୀ ଏକ ଟଙ୍କା ମୂଲ୍ୟର ଖଣ୍ଡେ ଲୁଗା, ପଞ୍ଜାବୀ ଓ ଚାଦର ପରିଧାନ କରି ଟିକେଟ କରିବା ଉଦ୍ଦେଶ୍ୟରେ ଠିଆ ହୋଇଥିବା ଦେଖିଲେ । ମହାରାଜା ଫାଷ୍ଟ କ୍ଲାସର ଟିକେଟ କାଟି ସାରି ବାହାରକୁ ଆସିବାରୁ ଖୀରୋଦ ବାବୁ ତାଙ୍କ ପାଖକୁ ଯାଇ ନମସ୍କାର କଲେ । ଆଉ ପଚାରିଲେ, "ମହାରାଜ, ଆପଣ ନିଜେ ଆସି ପାଡ଼ିରେ ଏ ଗହଳିରେ ଟିକେଟ କାଟୁଛନ୍ତି । ଆପଣଙ୍କ ଲୋକମାନେ କେଉଁଠି ? ମହାରାଜା ହସିହସି କହିଲେ, "ଖୀରୋଦ ବାବୁ, ଆପଣଙ୍କ ଲୋକମାନେ ଗଲେ କୁଆଡ଼େ ? ଆପଣ ନିଜେ କାହିଁକି ଟିକେଟ କରିବାକୁ ଯାଉଥିଲେ ?" ଖୀରୋଦ ବାବୁ କହିଲେ, "ଆଜ୍ଞା, କାହିଁ ମୟୂରଭଞ୍ଜର ରାଜା କାହିଁ ମୁଁ ଏକେ ଏତେ [illegible] ସମ୍ଭବ ? ଆପଣ ତାଙ୍କୁ [illegible] ପରିଚୟ [illegible] ସାମାନ୍ୟ କର୍ମଚାରୀର ଉଚିତ [illegible] ଗୁମାସ୍ତା, [illegible], ଟେକ୍ସିଆ ଆଉ ପାଞ୍ଚ ଜଣ ଦେଖି [illegible] । ଆଉ [illegible] ହୋଇ ଟିକେଟ କାଟିବା [illegible] ହେବନି ।"

Digitized by srujanika@gmail.com

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଟିକିଏ ମୁରୁକି ହସି କହିଲେ, "କ୍ଷୀରୋଦ ବାବୁ ! ମୟୂରଭଞ୍ଜର ମହାରାଜା ତାଙ୍କର ନିଜର ଯୋଗ୍ୟତା ବଳରେ ଏ ରାଜ୍ୟଗାଦି ପାଇ ନାହାନ୍ତି । ସୌଭାଗ୍ୟକ୍ରମେ ରାଜବଂଶରେ ଜନ୍ମି ସେ ମହାରାଜା ହୋଇଛନ୍ତି । କିନ୍ତୁ ଆପଣ ନିଜର ଯୋଗ୍ୟତା ନିଜର ପାଣ୍ଡିତ୍ୟ ବଳରେ ବଡ଼ ହୋଇଛନ୍ତି । ପିତୃ ଅର୍ଜିତ ରାଜ୍ୟ ନଥିଲେ ତ ମୁଁ ଏହି ଷ୍ଟେସନରେ କୁଲି କାମ କରି ପେଟ ପୋଷୁଥାନ୍ତି ।" କ୍ଷୀରୋଦ ବାବୁ ଆଉ କି ଉତ୍ତର ଦେବେ ? କିନ୍ତୁ ସେ ନିଜ ହୃଦୟରେ ଅନୁଭବ କଲେ, ମହାରାଜା କେଡ଼େ ସରଳ ଓ କେଡ଼େ ବସ୍ତୁରଶୀଳ ।

ଆଉ ଦିନକର କଥା । ଥରେ ମହାରାଜା ଖାଇବାକୁ ବସିଥାନ୍ତି । ଖାଦ୍ୟ ବଢ଼ା ହେଲା । ମହାରାଜା ଖାଦ୍ୟରେ କ'ଣ ଦେଖିଲେ କେଜାଣି ନଖାଇ ସିଧା ଉଠି ଚାଲିଗଲେ । ଏହା ଦେଖି ରାଣୀ ମଧ୍ୟ ତାଙ୍କ ପଛେ ପଛେ ଯାଇ ନ ଖାଇବାର କାରଣ ପଚାରିଲେ । ମହାରାଜା ପ୍ରଥମେ କିଛି କହିଲେ ନାହିଁ । ମାତ୍ର ମହାରାଣୀ ଜିଦ ଧରିବାରୁ ମହାରାଜା କହିଲେ, "ତମେ ଯଦି କାହାକୁ କିଛି ନକହିବ ତେବେ ମୁଁ କହିବି, ନଚେତ୍ କିଛି କହିବି ନାହିଁ ।" ରାଣୀ କାହାକୁ କିଛି କହିବେ ନାହିଁ ବୋଲି ପ୍ରତିଶ୍ରୁତି ଦେବାରୁ ମହାରାଜା "ଭାତ ମଧ୍ୟରୁ ମଲା ଅସରପା କାଢ଼ି ଦେଖାଇ ଦେଲେ । ତତ୍ପରେ ମହାରାଜା ଉପବାସ ର କରେଣ୍ଟ କାର୍ଯ୍ୟ ବୁଝାବୁଝି କଲେ ।"

ମହାରାଣୀ ବଡ଼ କୁଣ୍ଠିତ ହୋଇ ପାଚକକୁ ଡକାଇ ଭବିଷ୍ୟତ୍‌ରେ ବିଶେଷ ସାବଧାନ ହେବା ନିମିତ୍ତ ତାଗିଦ କରିଦେଲେ । ଭୟ ଓ ଲଜ୍ଜାରେ ବିବ୍ରତ ହୋଇ ପାଚକ ତୁରନ୍ତ ମହାରାଜାଙ୍କ ପାଖକୁ ଯାଇ କ୍ଷମା ମାଗିଲା । ମହାରାଜା ହସି ହସି କହିଲେ, "ତୁମେ ଏଠାକୁ କାହିଁକି ଆସିଲ ? ମୁଁ କଣ କିଛି ତୁମକୁ କହିଛି ? ଯାଅ ସାବଧାନ ହୋଇ କର । ସମସ୍ତଙ୍କର ଜାଣୁନା କିଛି ଭୁଲ ହୋଇଯାଏ ତେଣୁ ତୁମେ ଏ ଭୁଲ ପାଇଁ ଏତେ ବିବ୍ରତ କାହିଁକି ? ଏହାପରେ ମହାରାଜା ଉକ୍ତ ପାଚକର ଦରମା ପାଞ୍ଚଟଙ୍କାରୁ ଦୋଡ଼େ ଟଙ୍କାକୁ ବୃଦ୍ଧି କରିଦେବା

Digitized by srujanika@gmail.com

ପାଇଁ ଆଦେଶ ଦେଲେ । ସେହିଦିନ ରାତ୍ରିରେ ଖାଇବାବେଳେ ଶ୍ରୀ ରାମଚନ୍ଦ୍ର ପରିହାସ ଛଳରେ ମହାରାଣୀଙ୍କୁ କହିଲେ, "ସ୍ତ୍ରୀ ଲୋକମାନେ ପ୍ରଜାଙ୍କ ରକ୍ଷା କରି ପାରିବେ ନାହିଁ । ଏଥିରେ ମହାରାଣୀ ଲଜ୍ଜିତ ହୋଇଥିଲେ ।

ମହାରାଜା ରାମଚନ୍ଦ୍ର ଭଞ୍ଜଦେଓ ୧୯୧୨ ମସିହା ଫେବୃୟାରୀ ୨୨ ତାରିଖରେ ଶିକାର କରୁଥିବା ଅବସ୍ଥାରେ ଆକସ୍ମିକ ଦୁର୍ଘଟଣା ବଶତଃ ଗୁଳିବିଦ୍ଧରେ ମାତ୍ର ୪୦ ବର୍ଷ ବୟସରେ ଇହଧାମ ତ୍ୟାଗ କଲେ । ତାଙ୍କ ପରେ ତାଙ୍କର ସୁଯୋଗ୍ୟ ଜ୍ୟେଷ୍ଠପୁତ୍ର ଶ୍ରୀ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ରାଜ୍ୟଶାସନ କଲାପରେ ମାତ୍ର ୨୯ ବର୍ଷ ବୟସରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କ ଶାସନ କାଳ ମଧ୍ୟରେ କେତେ ଗୁଡ଼ିଏ ଲୋକହିତକର କାର୍ଯ୍ୟ ସେ କରିଯାଇଛନ୍ତି । ତାଙ୍କ ରାଜତ୍ୱରେ ପାନୀୟ ଜଳ ଏବଂ ବିଦ୍ୟୁତ୍ ଯୋଗାଇବା ବନ୍ଦୋବସ୍ତ ପ୍ରଥମେ ହୋଇଥିଲା । ତାଙ୍କ ପ୍ରଚେଷ୍ଟାରେ ପ୍ରକାଶିତ "ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ" ଏବେ ମଧ୍ୟ ଆମ ଭାଷାର ଏକ ଅଦ୍ୱିତୀୟ ଗ୍ରନ୍ଥ । ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଅପରିପକ୍ୱ ବୟସରେ ତା ୨୧-୪-୧୯୨୮ ଖ୍ରୀଷ୍ଟାବ୍ଦରେ ବମ୍ବେଠାରେ ପ୍ରାଣତ୍ୟାଗ କଲେ । ତାପରେ ତାଙ୍କ କନିଷ୍ଠ ଭ୍ରାତା ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ପ୍ରାୟ ୧୯୩୦ ସାଲରେ ରାଜଗାଦିରେ ବସିଲେ । ପ୍ରତାପ ଚନ୍ଦ୍ର ଭଞ୍ଜ ମହାରାଜା ପଦରେ ଅଧିଷ୍ଠିତ ହେବା ପରେ ସବୁଦା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ବହୁବିଧ ପଦକ୍ଷେପ ନେଇଥିବା ଜଣାଯାଇଛି । ଶିଳ୍ପର ପ୍ରସାର ପାଇଁ ସେ ଶିଳ୍ପ ବିଭାଗ ଗଠନ କରି ସେଥିରେ ହସ୍ତତନ୍ତ, କୁଟୀର ଶିଳ୍ପ, ଚମଡ଼ା କାରଖାନା, କାଚ କାରଖାନା, ଭେନାଡ଼ିୟମ କାରଖାନା ଇତ୍ୟାଦି ସ୍ଥାପନ କରିଥିଲେ । ବାଦାମପାହାଡ଼, ଗୋରୁମହିଷାଣୀ, ସୁଲେଇପାଟର ଲୌହଖଣିଜ, ରାଇରଙ୍ଗପୁର ନିକଟରେ ମାଙ୍ଗାନିଜ ଓ ଚୀନାମାଟିର ଖାଦାନମାନ ବିଭିନ୍ନ ଶିଳ୍ପାନୁଷ୍ଠାନ ଓ ଶିଳ୍ପପତିମାନଙ୍କୁ ଲିଜ ଦେଇ ସରକାରୀ ଆୟ ବୃଦ୍ଧି କରିବା ସଙ୍ଗେସଙ୍ଗେ ଶ୍ରମିକମାନଙ୍କ ଉନ୍ନତି ପାଇଁ ସର୍ବଦା ଚେଷ୍ଟିତ ଥିଲେ । ରାଜ୍ୟର ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ନିରୀହ ଦରିଦ୍ର ପ୍ରଜାମାନଙ୍କ ସମ୍ପତ୍ତି ମହାଜନ, କାବୁଲିବାଲା ଓ ସେମାନଙ୍କ ଜଣେ ଅର୍ଥି ଦ୍ୱାରା ଶୋଷଣ ହେଉଥିବା ଲକ୍ଷ୍ୟ କରି ସେ ଦ୍ରୁତଗତିରେ ଏକ "ମହାଜନୀ ...

ବ୍ୟାଙ୍କ" ସ୍ଥାପନ କରିଥିଲେ । ଏହି ବ୍ୟାଙ୍କ ମାଧ୍ୟମରେ କ୍ଷୁଦ୍ର ବ୍ୟବସାୟୀ ଓ କର୍ମଚାରୀମାନେ ସହଜ ଓ ସୁବିଧାରେ ସ୍ୱଳ୍ପ ସୁଧ ହାରରେ କରଜ ପାଇପାରୁଥିଲେ । ତା'ଛଡ଼ା ତାଙ୍କ ସରକାର ଷ୍ଟେଟର ବିଭିନ୍ନ ସ୍ଥାନମାନଙ୍କରେ ଧାନ୍ୟ ଭଣ୍ଡାର ବସାଇ ପ୍ରଜାମାନଙ୍କୁ ଋଣ ଦେବାରେ ସହଜ ବ୍ୟବସ୍ଥାମାନ ଯୋଜନା କରାଇଥିଲେ ।

ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ତାଙ୍କ ଶାସନ କାଳରେ ମୟୂରଭଞ୍ଜରେ ହାଇକୋର୍ଟ ସ୍ଥାପନା କରିଥିଲେ । ଅବସରପ୍ରାପ୍ତ ଜଜ୍‌ମାନଙ୍କୁ ଆଣି ଏଠାରେ ଅଧିଷ୍ଠିତ କରାଇଥିଲେ । ସେଥିପାଇଁ ଆବଶ୍ୟକସ୍ଥ କୋଠା ନିର୍ମାଣ କରି ହାଇକୋର୍ଟ, ମହାରାଜାଙ୍କ ନିଜସ୍ୱ ଅଫିସ ଓ ଦେୱାନଙ୍କ ଅଫିସ ସ୍ଥାପନ କରିଥିଲେ । ମହାରାଜା ଗଣତନ୍ତ୍ର ଶାସନକୁ ଅଗ୍ରାଧିକାର ଦେବା ଉଦ୍ଦେଶ୍ୟରେ ପ୍ରଜାସଭା ଓ କେନ୍ଦ୍ର ପରିଷଦ ସ୍ଥାପନ କରିଥିଲେ । ସେଥିପାଇଁ ବର୍ତ୍ତମାନର ଜିଲ୍ଲାପାଳଙ୍କ ଅଫିସର ଉପର ମହଲରେ ଏକ ସୁରକ୍ଷିତ ହଲରେ ପ୍ରଜାସଭା ଓ କେନ୍ଦ୍ର ପରିଷଦ ବୈଠକ ବସୁଥିଲା ।

ଭାରତ ସ୍ୱାଧୀନତା ଲଭି ପରେ ପରେ ମହାରାଜା ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଉପଲବ୍ଧି କରିପାରିଥିଲେ ଯେ ତାଙ୍କ ଶାସନ ଅଧିକ ଦିନ ରହିବ ନାହିଁ । ତେଣୁ ସେ କାଳ ବିଳମ୍ବ ନକରି ତତ୍କାଳୀନ ପ୍ରଜା ମଣ୍ଡଳର ନେତା ଶ୍ରୀ ଶରତ ଚନ୍ଦ୍ର ଦାଶଙ୍କ ହସ୍ତରେ ରାଜ୍ୟଭାର ଅର୍ପଣ କରିଥିଲେ । ଶରତ ଚନ୍ଦ୍ର ଦାସ ହେବେ ପ୍ରଧାନମନ୍ତ୍ରୀ ଓ ଅନ୍ୟ କେତେକ ଅବସର ପ୍ରାପ୍ତ ସରକାରୀ ଅଫିସରଙ୍କୁ ନେଇ ତାଙ୍କ ମନ୍ତ୍ରୀମଣ୍ଡଳ ଗଠନ କରିଥିଲେ । ଏହାପରେ ୧୯୪୯ ମସିହାରେ ଭାରତ ସରକାରଙ୍କ ପକ୍ଷରୁ ଶ୍ରୀ ଜି. ଭି. ଶରେଗା, ଆଇ. ସି. ଏସ., ଚିଫ୍ କମିଶନର ଆସି ମୟୂରଭଞ୍ଜର ଦାୟିତ୍ୱ ନେଲେ । ପରେ ପରେ ମୟୂରଭଞ୍ଜ ଓଡ଼ିଶା ସହ ମିଶ୍ରଣ ହୋଇଗଲା ।

ମହାରାଜା ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ରାଜ୍ୟ ହସ୍ତାନ୍ତର ପରେ ତାଙ୍କ କଲିକତା ବାଲିଗଞ୍ଜରେ ନିଜ ଘର ଭାବରେ ଜୀବନ ଯାପନ କରିଥାଆନ୍ତି ।

Digitized by srujanika@gmail.com

କିନ୍ତୁ ଶେଷ ସମୟରେ ବାରିପଦା ଆସି ବେଲଗଡ଼ିଆ କୋଠାରେ ବହୁକାଳ ଅବସ୍ଥାନ କରିଥିଲେ । ସେ ଶେଷ ଜୀବନରେ ନିଜର ଖାଦ୍ୟ ନିଜେ ରୋଷେଇ କରୁଥିଲେ ଓ ନିରାମିଷ ଭକ୍ଷଣ କରୁଥିଲେ । ପ୍ରଥମ ମହାଯୁଦ୍ଧ ସମୟରେ ବ୍ରିଟିଶ ସରକାରଙ୍କୁ ବିପୁଳ ଅର୍ଥ ଓ ନିଜର ଜାହାଜ "ଚପଳା"କୁ ଦାନ କରିଥିବାରୁ ବ୍ରିଟିଶ ସରକାର ତାଙ୍କୁ କେ.ସି.ଆଇ.ଇ. ଓ ପରେ ଜି.ସି.ଆଇ.ଇ. ପଦବୀରେ ଭୂଷିତ କରିଥିଲେ ।

ରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ଜୀବନର ଗୋଟିଏ ଘଟଣା ତାଙ୍କ ଉଦାରତାର ପରିଚୟ ଦିଏ ।

ମୟୂରଭଞ୍ଜର ପୂର୍ବ ସୀମାରେ ଚହଡ଼ା ବୋଲି ଏକ ପ୍ରସିଦ୍ଧ ଗ୍ରାମ ଅଛି । ମାତ୍ର ରାଜଧାନୀ ବାରିପଦାଠାରୁ ସେଠାକୁ ସିଧା ସଳଖ କୌଣସି ରାସ୍ତା ନ ଥିଲା । ସେତେବେଳେ ମୟୂରଭଞ୍ଜ ରାଜ୍ୟର ଅଧିକାଂଶ ଅଞ୍ଚଳ ବଣ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ତେଣୁ କୌଣସି ସ୍ଥାନକୁ ଯିବାକୁ ହେଲେ ସେତେବେଳେ ବଣ ଜଙ୍ଗଲ ଦେଇ ଯିବାକୁ ହେଉଥିଲା । ତେଣୁ ରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଉକ୍ତ ସ୍ଥାନକୁ କିପରି ସିଧା ସଳଖ ରାସ୍ତା ହୋଇ ପାରିବ ତାହା ଅନୁଧ୍ୟାନ କରିବାକୁ ବାହାରିଲେ । ବାରିପଦାରୁ ପୂର୍ବସୀମା ଅମର୍ଦ୍ଦା ପର୍ଯ୍ୟନ୍ତ ରାସ୍ତା ଅନୁଧ୍ୟାନ କରୁ କରୁ ଚହଡ଼ାରେ ଯାଇ ପହଞ୍ଚିଲେ । ରାଜା ହାତୀ ପିଠିରେ ଚଢ଼ି ଆସିଥାନ୍ତି । ସାଥିରେ ବହୁ ଛଅ ଜଣ ରାଜ କର୍ମଚାରୀ ମଧ୍ୟ ଆସିଥାନ୍ତି । ରାଜାଙ୍କ ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା ଚହଡ଼ାଠାରେ ହେବା କଥା । ତେଣୁ ଏ କଥା ଚହଡ଼ାଠାରେ ପ୍ରଚାର ହୋଇଗଲା । ରାଜାଙ୍କୁ ଦେଖିବା ପାଇଁ ପ୍ରବଳ ଜନଗହଳି ହୋଇଥିଲା । ମଧ୍ୟାହ୍ନ ଭୋଜନ ପାଇଁ ବଡ଼ ଆୟୋଜନ କରୁଥିବ ଗାଁର ମୁଖିଆ, ରାଜକର୍ମଚାରୀମାନଙ୍କୁ ପଚାରୁଥାନ୍ତି । ଏହି ସମୟରେ ଦଳେ ଚଢ଼େଇ ଆକାଶରେ ଉଡ଼ି ଯାଉଥିଲେ । ପ୍ରତାପ ଚନ୍ଦ୍ର ମଧ୍ୟ ପିତା ରାମଚନ୍ଦ୍ରଙ୍କ ପରି ଶିକାର ପ୍ରିୟ ଥିଲେ । ତାଙ୍କ ଶିକାରୀ ଆଖି ଉପରକୁ ହୋଇଗଲା ଏବଂ ବନ୍ଧୁକର ଠୋ...ଠୋ... ଠୋ... ତିନୋଟି ଗୁଳି ଫୁଟିଲା । ତିନୋଟି ଚଢ଼େଇ ଆକାଶ ମାର୍ଗରୁ ତଳକୁ

Digitized by srujanika@gmail.com

ଖସି ପଡ଼ିଲେ ।' ରାଜ କର୍ମଚାରୀମାନେ ସେଗୁଡ଼ିକ ସଂଗ୍ରହ କରୁଥିଲେ । ଭିଡ଼ ଭିତରୁ କାହାର ପାଟି ଶୁଣାଗଲା—"ମହିମା, ମୋର ଗୋଟିଏ ଗୁହାରି ?" ରାଜା ତାଙ୍କୁ ପାଖକୁ ଡାକିଲେ ଏବଂ କ'ଣ ଗୁହାରି ପଚାରିଲେ । ଗ୍ରାମବାସୀ ଜଣକ ରାଜାଙ୍କ ପାଖକୁ ଆସି କହିଲେ, "ମହିମା, ଆପଣ ଯାହା କଲେ ତାହା କ'ଣ ନ୍ୟାୟ ? ଯେଉଁ ଚଢ଼େଇଟି ଚଢ଼େଇ ମାରି ଦେଲେ ତାଙ୍କ କଥା କିଏ ଭାବିଛନ୍ତି ? କେଉଁ ଚଢ଼େଇର ବସାରେ ହୁଏତ ଅଣ୍ଡା ଥିବ । କାହାର ବସାରେ ଛୋଟ ଶାବକ ଥିବେ । ମା' ଆହାର ଆଣିବ ବୋଲି ସେମାନେ ଅନାଇ ରହିଥିବେ । କ'ଣ ହେବ ତାଙ୍କ ଅବସ୍ଥା ? କିଏ ତାଙ୍କୁ ଆହାର ଦେବ ?"

ଉପସ୍ଥିତ ଜନତା ମୂକ ଭଳି ଅନାଇଥାନ୍ତି । ଭାବୁଥାନ୍ତି ଏ ଲୋକଟିର ଭାଗ୍ୟ ଖରାପ । ମହାରାଜା ନିଶ୍ଚୟ ତାଙ୍କୁ କଠିନ ଦଣ୍ଡରେ ଦଣ୍ଡିତ କରିବେ । କିନ୍ତୁ ତାହା ହେଲ ନାହିଁ । ମହାରାଜା ପ୍ରତାପ ଚନ୍ଦ୍ର ହାତୀ ପିଠିରୁ ଓହ୍ଲାଇ ଆସି ସେହି ଗ୍ରାମବାସୀଙ୍କ ପାଖରେ ହୋଇ କହିଲେ, "ହେ ଧର୍ମାତ୍ମା ! ମୋତେ କ୍ଷମା କରନ୍ତୁ ।"—କହି ନିଜର ମୁଣ୍ଡ ନୁଆଁଇ ଦେଲେ ।

"ମହିମା ! ଏ କଣ କରୁଛନ୍ତି" କହି ସେହି ଗ୍ରାମବାସୀ ଜଣକ ପଛକୁ ଘୁଞ୍ଚି ଯିବାରୁ ରାଜା ତାଙ୍କୁ କୁଣ୍ଢାଇ ପକାଇଲେ ଏବଂ ପରିଚୟ ମାଗିଲେ । ଗ୍ରାମବାସୀ ଜଣକ ନିଜର ପରିଚୟ ଦେଲେ—"ମୋ ନାମ ମାଙ୍କାତ ମହାନ୍ତି । ମୁଁ ଜଣେ କୃଷକ ।" ଏତିକି ମୋର ପରିଚୟ ।

ପ୍ରକୃତରେ ସେ ଥିଲେ କର୍ମଠ, ନିର୍ଭୀକ ଏବଂ ସ୍ପଷ୍ଟବାଦୀ । ଅନ୍ୟାୟ କଥାକୁ ସେ ଆଦୌ ସହ୍ୟ କରିପାରୁ ନଥିଲେ । ଚକିଡ଼ା ଗ୍ରାମର ପୂର୍ବ ସୀମାରେ ଥିବା ବିରାଟ ଜଳାଶୟଟିକୁ ତାଙ୍କର ନାମାନୁସାରେ "ମାଙ୍କାତ ବନ୍ଧ" ନାମରେ ନାମିତ କରାଯାଇଛି । ସେହି ଦିନଠାରୁ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଶିକାର କରିବା ଛାଡ଼ିଦେଲେ । ସେହିଦିନ ସାମାନ୍ୟ ଜଣେ ଗ୍ରାମବାସୀ ତାଙ୍କୁ ଏକ ମହାନ ଶିକ୍ଷା ଦେଲେ । ଏବେ ସେ ଜଳାଶୟ "ମାଙ୍କାତ ବନ୍ଧ" ଏ କଥାଟିକୁ ସମସ୍ତଙ୍କ ମନେ ପକାଇ ଦିଏ ।

Digitized by srujanika@gmail.com

ତାଙ୍କ ମୃତ୍ୟୁ ପରେ ତାଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀ ପ୍ରଦୀପ ଚନ୍ଦ୍ର ଭଞ୍ଜଦେଓ ପାରମ୍ପରିକ ନିୟମ ଅନୁସାରେ ଗାଦିରେ ବସିଥାନ୍ତେ କିନ୍ତୁ ଶାସନ ଭାର ପାଇବାରୁ ସେ ବଞ୍ଚିତ ହୋଇଥିଲେ ।

●

ବାରିପଦା :

ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା । ମହାରାଣୀ ସୁମିତ୍ରା ଦେବୀଙ୍କ ରାଜତ୍ୱ କାଳରେ ମୟୂରଭଞ୍ଜ ରାଜ୍ୟର ରାଜଧାନୀ ହରିପୁରଗଡ଼ ଠାରୁ ବାରିପଦାକୁ ଉଠି ଆସିଥିଲା । ସେତେବେଳେ ବାରିପଦା ଏକ କ୍ଷୁଦ୍ର ଗ୍ରାମ ଥିଲା । ଭୌଗୋଳିକ ଦୃଷ୍ଟିରୁ ଦେଖିବାକୁ ଗଲେ ବାରିପଦାର ଚତୁଃପାର୍ଶ୍ୱରେ ବୁଢ଼ାବଳଙ୍ଗ, ପେଟ ଜଗୁଲୀ, ସୁଗୁଲୀ ନଦୀମାନ ରହିଛି ତଥା ଅନ୍ୟାନ୍ୟ ଜଳାଶୟମାନ ରହିଛି । ତେଣୁ ଏହାର ନାମ "ବାରିପଦା" ରଖାଯାଇଛି ଅନୁମାନ କରାଯାଏ । କାରଣ "ବାରି"ର ଅର୍ଥ 'ଜଳ' ଏବଂ "ପଦା" ଅର୍ଥ "ଭୂମି" ଅନ୍ୟ କେତେକଙ୍କ ମତରେ ବାଉରୀଙ୍କର ମୂଳ ଅଧିବାସୀ ମାନେ ମୁଖ୍ୟତଃ ବାଉରି ବା ବାଉର ସମ୍ପ୍ରଦାୟର ହୋଇଥିବାରୁ ଏହାର ନାମ "ବାଉରିପଦା" ବା "ବାରିପଦା" ହୋଇଛି ।

ରାଜା ବୈଦ୍ୟନାଥ ଭଞ୍ଜଙ୍କ ରାଜତ୍ୱରେ ବହୁଦେବଦେବୀ ମନ୍ଦିର ବାରିପଦା ରେ ସ୍ଥାପନ କରାଯାଇଥିଲା ।

ଜଗନ୍ନାଥ ମନ୍ଦିର ଓ ରଥଯାତ୍ରା : ବାରିପଦା ଜଗନ୍ନାଥ ମନ୍ଦିର ମହାରାଜା ବୈଦ୍ୟନାଥ ଭଞ୍ଜ ୧୫୭୫ ମସିହାରେ ନିର୍ମାଣ କରିଥିଲେ । ଏହା ହରିବଳଦେବଜୀଉ ମନ୍ଦିର ନାମରେ ପ୍ରସିଦ୍ଧ । ଶ୍ରୀକ୍ଷେତ୍ରକୁ ଛାଡ଼ିଦେଲେ ବାରିପଦାର ଏହି ଜଗନ୍ନାଥ ମନ୍ଦିରଟି ଭାରତ ଭୂମିର ଅନ୍ୟତମ ପ୍ରସିଦ୍ଧ ମନ୍ଦିର ଅଟେ । ପୁରୀ ଜଗନ୍ନାଥ ମନ୍ଦିର ଠାରୁ ବାରିପଦା ଜଗନ୍ନାଥମନ୍ଦିରର କିଛି ନିଜସ୍ୱ ଭିନ୍ନତା ଅଛି । ବାରିପଦାର ଜଗନ୍ନାଥଙ୍କ ପୂଜାବିଧି ସେବା, ନୈବେଦ୍ୟ ଭୋଗ ଶୋଭାଯାତ୍ରାରେ

Digitized by srujanika@gmail.com

ଅଲଗା । ପୁଣି ରଥଟଣା ଦିନେ ଓ ବାହୁଡ଼ା ଦିନେ । ମାତ୍ର ବାରିପଦା ରଥଟଣା ଦୁଇଦିନ ଓ ବାହୁଡ଼ା ଦୁଇଦିନ ହୁଏ । ପୁନଶ୍ଚ ବାରିପଦାର ସୁଭଦ୍ରା ରଥ ଟାଣିବାର ବିଶେଷ ଅଧିକାର ଭକ୍ତପ୍ରାଣା ମହିଳାମାନେ ଲାଭ କରିଥାନ୍ତି ।

ବାଂଠିଆ ଜଗନ୍ନାଥ : ବାରିପଦାରେ ଆଉଗୋଟିଏ ଶ୍ରେଷ୍ଠ ଜଗନ୍ନାଥ ମନ୍ଦିର ଅଛି । ତାହା ବାଂଠିଆ ଜଗନ୍ନାଥ ନାମରେ ଖ୍ୟାତ । ପ୍ରଧାନ ଜଗନ୍ନାଥ ମନ୍ଦିର ଓ ବିଗ୍ରହଠାରୁ ଆକାରରେ ସାନ ହୋଇଥିବାରୁ ଏପରି ନାମକରଣ ହୋଇଅଛି । ମହାରାଜା ଶ୍ରୀନାଥ ଭଞ୍ଜ (୧୮୬୩-୧୮୬୭) ଏହି ବାଣ୍ଠିଆ ଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା କରିଥିଲେ । ବାଣ୍ଠିଆ ଜଗନ୍ନାଥଙ୍କ ରଥଟଣା ବଡ଼ ଜଗନ୍ନାଥଙ୍କ ରଥଟଣାର ଦ୍ୱିତୀୟ ଦିନ ସକାଳୁ ହୁଏ ।

ଅନ୍ୟାନ୍ୟ ଦେବାଦେବୀଙ୍କ ମନ୍ଦିର : ଏହାଛଡ଼ା ବାରିପଦାବାସୀଙ୍କ ପ୍ରତ୍ୟକ୍ଷ ଠାକୁରାଣୀ ମା' ଅମ୍ବିକାଙ୍କ ମନ୍ଦିର, ରଥଯାତ୍ରା ସମୟରେ ଜଗନ୍ନାଥଙ୍କ ମାଉସୀମା ମନ୍ଦିର ରୂପେ ବ୍ୟବହୃତ ହେଉଥିବା ରାଧାମୋହନ ମନ୍ଦିର, ରାଜାଙ୍କ ଆରାଧ୍ୟ ଦେବୀ କିଚକେଶ୍ୱରୀ (ରାଜପ୍ରାସାଦ ସଂଲଗ୍ନ), ମନ୍ଦିର ଚୂଡ଼ାରେ ପୂଜା ଭଳିପ ପ୍ରତିଷ୍ଠିତ ଦେବୀ ଜ୍ୱାଳାମୁଖୀଙ୍କ ମନ୍ଦିର ଇତ୍ୟାଦି ଅନ୍ୟତମ । ଏହାଛଡ଼ା ଅଧିକ ଅନେକ ଶ୍ରେଷ୍ଠ ବଡ଼ ମନ୍ଦିର ଦେଖିବାକୁ ମିଳେ ।

ବଗଯାମଲ ଗଡ଼ : ଏ ଏକ କିମ୍ବଦନ୍ତୀ ପ୍ରସିଦ୍ଧ ସ୍ଥାନ । ଏକ ବଗ ଯାମଲ (ଛଞ୍ଚାଣ) ପକ୍ଷୀକୁ ଏହି ସ୍ଥାନରେ ମାଡ଼ି ବସିଥିବାର ଦେଖି ମହାରାଜା ଏ ସ୍ଥାନର ଗୁରୁତ୍ୱ ଉପଲବ୍ଧି କରି ଏଠାରେ ଏକ ଗଡ଼ ବା ପ୍ରାସାଦ ନିର୍ମାଣ କରାଇଥିଲେ । ତେଣୁ ଏହାର ନାମ ବଗଯାମଲ ଗଡ଼ । ଅମ୍ବିକା ମନ୍ଦିରର ଠିକ ପଛକୁ ଏହା ଅବସ୍ଥିତ । ଏବେ ଏ ଗଡ଼ ନାହିଁ କିନ୍ତୁ ଭଗ୍ନାବଶେଷ ଦେଖିବାକୁ ମିଳେ ।

ରାଜପ୍ରାସାଦ : ବର୍ତ୍ତମାନର ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ମୟୂରଭଞ୍ଜ ରାଜାଙ୍କ ପ୍ରାସାଦ ଥିଲା । ଏହା ସହରର କେନ୍ଦ୍ରସ୍ଥଳୀ ବଡ଼ ବଜାରରେ

Digitized by srujanika@gmail.com

ଅବସ୍ଥିତ । ରାଜ ପ୍ରାସାଦକୁ ତିନି ଭାଗରେ ବିଭକ୍ତ କରାଯାଇଥିଲା । ପ୍ରଥମ ଭାଗରେ ଅତିଥିମାନଙ୍କ ପ୍ରକୋଷ୍ଠ, ଦନ୍ତେଶ୍ୱରୀ ପୂଜା, କର୍ମଚାରୀମାନଙ୍କ ଅଫିସ, ରାଜ ଦରବାର ଓ ଶୀତତାପ ଗୃହ । ଦ୍ୱିତୀୟ ଭାଗରେ ରାଜାଙ୍କ ଅଫିସ, ରାଜାଙ୍କ ଶୟନ କକ୍ଷ, ଡାଇନିଂ ରୁମ, ବୈଠକଖାନା, ଦେବୀ କଚକେଶ୍ୱରୀଙ୍କ ମନ୍ଦିର, ଛଉନୃତ୍ୟ ମଣ୍ଡପ ଇତ୍ୟାଦି । ତୃତୀୟ ଭାଗରେ ରାଣୀମହଲ ଓ ଲକ୍ଷ୍ମୀନାରାୟଣ ମନ୍ଦିର ଅବସ୍ଥିତ । ଏହି ରାଣୀମହଲ ବୁଢ଼ାବଳଙ୍ଗ ନଦୀପର୍ଯ୍ୟନ୍ତ ବିସ୍ତୃତ ।

ରାଜପ୍ରାସାଦ ସହିତ ସଂଯୁକ୍ତ ଥିବା କଚକେଶ୍ୱରୀ ମନ୍ଦିର ବର୍ତ୍ତମାନ କଲେଜ ଠାରୁ ଏକ ପ୍ରାଚୀର ଦ୍ୱାରା ଅଲଗା କରାଯାଇଛି । ରାଜପ୍ରାସାଦକୁ ବର୍ତ୍ତମାନ କଲେଜର ଛାତ୍ରାବାସ କରାଯାଇଛି । ବର୍ତ୍ତମାନର କଲେଜ ଲାଇବ୍ରେରୀ ଯାହାକି କାଠଦ୍ୱାରା ତିଆରି ହୋଇଛି, ତାହା ମହାରାଜାଙ୍କ ସ୍ନାନାଗାର ଥିଲା । ଏହି ପ୍ରାସାଦରେ ଆମୋଦ ପ୍ରମୋଦ ପାଇଁ ଲୋକମାନଙ୍କର ବହୁ ପ୍ରକାର ବ୍ୟବସ୍ଥା ଥିଲା, ଯାହାକି ସେତେବେଳେ ଓଡ଼ିଶାବାସୀଙ୍କ ପାଇଁ ସ୍ୱପ୍ନ ଥିଲା ।

ବେଲଗଡ଼ିଆ କୋଠି : ଅମ୍ବିକା ମନ୍ଦିର ପଛ ପାଖରେ ଥିବା "ବଟଆମଲ ଗଡ଼" ର ପଛରେ ବେଲଗଡ଼ିଆ । ବେଲଗଡ଼ିଆରେ ବର୍ତ୍ତମାନ ମହାରାଜାଙ୍କ ରାଜପ୍ରାସାଦ ରହିଛି । ଏହା କିନ୍ତୁ ପୂର୍ବରୁ ବିଦେଶସ୍ଥ ଅତିଥି ନିବାସ ରୂପେ ବ୍ୟବହୃତ ହେଉଥିଲା । ଏହାକୁ "ବେଲଗଡ଼ିଆ କୋଠି" କୁହାଯାଏ । ଏହା ଏକ ସୁନ୍ଦର ରମଣୀୟ ପ୍ରାସାଦ ହେଲେ ବି "ହଂଟେଡ୍ ହାଉସ" ଏବେ ଜଣା ଯାଏ ।

ରାଣୀବାଗାନ ବାରିପଦାର ଦକ୍ଷିଣରେ ବୁଢ଼ାବଳଙ୍ଗ କୂଳରେ ଅବସ୍ଥିତ "ରାଣୀ ବାଗାନ" ବା "ରାଣୀବାଗ" ମହାରାଣୀ ଲକ୍ଷ୍ମୀ କୁମାରୀଙ୍କ ସ୍ମୃତିରେ ତିଆରି କରାଯାଇଥିଲା । ସେତେବେଳେ ଏହା ଏକ ସୁନ୍ଦର ଉଦ୍ୟାନ ଥିଲା । ତାହା ଭିତରେ ପେଟ୍ରୋଲ ଚାଳିତ ଏକ ଛୋଟ ରେଳ ଚାଲୁଥିଲା । ବିଭିନ୍ନ ପଶୁ ପକ୍ଷୀଙ୍କ ଏକ ଛୋଟ ଚିଡ଼ିଆଖାନା ଥିଲା ।

Digitized by srujanika@gmail.com

ରାଜାବସା : ବାରିପଦାଠାରୁ ୬ ମାଇଲ ପୂର୍ବରେ ଏହି ସ୍ଥାନରେ ଦରବାର ଅମଳରେ ଉଡ଼ାଜାହାଜ ଅବତରଣ କେନ୍ଦ୍ର ଥିଲା ।

ଡକଟପୁର : ବାରିପଦାଠାରୁ ୩ କି. ମି. ଦୂରରେ ଅବସ୍ଥିତ ଏହି ସ୍ଥାନଟି ମହାରାଣୀ ଡକଟ କୁମାରୀଙ୍କ ଇଚ୍ଛାରେ ୧୯୦୭ ମସିହାରେ ପ୍ରତିଷ୍ଠା ହୋଇଥିଲା । ପ୍ରଥମେ ଏହିଠାରେ ଏକ କୃଷିଫାର୍ମ ଆରମ୍ଭ କରାଯାଇଥିଲା । କେବଳ ଯେ କୃଷି ତାହା ନୁହେଁ ପଶୁପାଳନ, କଳା ଓ କୁଟୀର ଶିଳ୍ପର ଅନୁଷ୍ଠାନ ମାନ ମଧ୍ୟ ଖୋଲାଯାଇଥିଲା । ଏବେ ଏ ସ୍ଥାନ ମୟୂରଭଞ୍ଜର ଅନ୍ୟତମ ଶିଳ୍ପାଞ୍ଚଳ ବି. ଇଡ଼. ଆଇ. ମହାବିଦ୍ୟାଳୟ, ବୈଷୟିକ ଶିକ୍ଷାକେନ୍ଦ୍ର ତଥା ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ନୂତନ କୋଠା ଏହିଠାରେ ଅବସ୍ଥିତ ।

ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ଓ ମ୍ୟୁଜିୟମ : ବାରିପଦାର କେନ୍ଦ୍ରସ୍ଥଳୀରେ ଅବସ୍ଥିତ ଏକ ଆକର୍ଷଣ ସ୍ଥଳୀ । "ଜୁବୁଲି ଲାଇବ୍ରେରୀ" ନାମରେ ବିଶେଷ ଭାବରେ ପରିଚିତ । ମହାରାଣୀ ଭିକ୍ଟୋରିଆଙ୍କ ଜୁବୁଲି ଅବସରରେ ନିର୍ମିତ ହୋଇଥିବାରୁ ଏହାର ପ୍ରଥମ ନାମ ଥିଲା "ଜୁବୁଲି ଲାଇବ୍ରେରୀ" । ଏହା ଓଡ଼ିଶାର ଅନ୍ୟତମ ପାଠାଗାର ବୃହତ ପାଠାଗାର । ଉକ୍ତ କୋଠା ସହିତ ସଂଯୁକ୍ତ ମ୍ୟୁଜିୟମ ୧୯୨୩ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହାକୁ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜ ପ୍ରତିଷ୍ଠା କରିଥିଲେ ।

ଏହା ଛଡ଼ା ବାରିପଦା ସହରରେ ବୁଢ଼ା ଖୋଷଣ୍ଡ ମନ୍ଦିର, ଧୋବା ଗାନ୍ଧି ପାର୍କ, ଶିଶୁଉଦ୍ୟାନ, ଜୁବୁଲି ପାର୍କ, ସ୍ୱର୍ଗଦ୍ୱାର, ଶ୍ମଶାନ ଘାଟ, ରାଜାଙ୍କ ଅମଳରେ ହାତୀ ରଖା ଯାଉଥିବା ହାତୀ ଘର, ଇତ୍ୟାଦି ବହୁ ଦର୍ଶନୀୟ ସ୍ଥାନ ରହିଛି ।

ଶିକ୍ଷା ଓ ଶିକ୍ଷାନୁଷ୍ଠାନ : ଇଂରାଜୀ ଶିକ୍ଷା ମୟୂରଭଞ୍ଜରେ ପ୍ରଥମ କରି ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ସମୟରେ ଆରମ୍ଭ କରାଯାଇଥିଲା । ସେତେବେଳେ ପ୍ରଥମ କରି ଏକ ଏମ୍ ଇ. ସ୍କୁଲ ବାରିପଦାରେ ପ୍ରତିଷ୍ଠା କରାଯାଇଥିଲା । ତା'ପରେ ୧୮୮୯ ମସିହାରେ ଉକ୍ତ ଏମ୍.ଇ ସ୍କୁଲ ଏକ ହାଇସ୍କୁଲରେ ପରିଣତ

Digitized by srujanika@gmail.com

ହେଲା । ଯାହାକି ୧୮୯୩ ରେ ପୂର୍ଣ୍ଣାଙ୍ଗ ରୂପ ପାଇଲା । ସେତେବେଳେ ଏହା "ମୟୂରଭଞ୍ଜ ରାଜ୍ୟ ହାଇ ଇଂଲିଶ ସ୍କୁଲ" ନାମରେ ନାମିତ ହେଲା । ପରେ "ବାରିପଦା ହାଇ ଇଂଲିଶ ସ୍କୁଲ" ନାମରେ ନାମିତ ହେଲା । ୧୯୪୧ରେ ଏହା "ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ" ନାମରେ ନାମିତ ହୋଇ ଆଜି-ପର୍ଯ୍ୟନ୍ତ ରହିଅଛି ।

ବାଳିକାମାନଙ୍କ ପାଇଁ ମୟୂରଭଞ୍ଜରେ ପ୍ରଥମକରି ଜଣେ ପ୍ରାଥମିକ ସ୍କୁଲଟିଏ ୧୮୬୭ରେ ଖୋଲା ଯାଇଥିଲା । ୧୯୧୯ ମସିହାରେ ଉଚ୍ଚ ପ୍ରାଥମିକ ସ୍କୁଲ, ୧୯୩୨ ମସିହାରେ ଏମ. ଇ. ସ୍କୁଲ ଏବଂ ୧୯୪୧ ମସିହାରେ ଏହା ପୂର୍ଣ୍ଣାଙ୍ଗ ଗାର୍ଲସ ସ୍କୁଲରେ ପରିଣତ ହେଲା । ଏହାର ନାମ ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ନାମାନୁସାରୀ ମହାରାଣୀ ପ୍ରେମକୁମାରୀ ଗାର୍ଲସ ସ୍କୁଲ ରଖାଗଲା । ବର୍ତ୍ତମାନ ବାର ଅମଳର ଏସ. ପି.ଙ୍କ ବାସଭବନଠାରେ ଏବେ ଉକ୍ତ ଗାର୍ଲସ ସ୍କୁଲ ପରିଚାଳିତ ହେଉଅଛି । ମୟୂରଭଞ୍ଜର ପ୍ରଥମ ମହାବିଦ୍ୟାଳୟ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟ ଜୁଲାଇ ୧୯୪୮ ମସିହାରେ ଆରମ୍ଭ ହୋଇଥିଲା । ସେତେବେଳେ ଏହା ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲରେ ଅନୁଷ୍ଠିତ ହେଉଥିଲା । ୧୯୪୯ ଜାନୁଆରୀ ୧ ତାରିଖରେ ଓଡ଼ିଶା ସରକାର ଉକ୍ତ ମହାବିଦ୍ୟାଳୟର ପରିଚାଳନା ଭାର ହାତକୁ ନେଲେ । ୧୯୫୬ ମସିହାରେ ଓଡ଼ିଶା ସରକାର ମହାରାଜାଙ୍କ ପ୍ରାସାଦ କିଣି ନେବା ପରେ ସେହି ଭବନଠାରୁ ଉକ୍ତ ମହାବିଦ୍ୟାଳୟ ସେଠାରେ ଖୋଲାଯାଇଅଛି । ତକ୍ଷତପୁରଠାରେ ମହାବିଦ୍ୟାଳୟର ଅନ୍ୟ ଏକ କୋଠା ନିର୍ମାଣ ହୋଇଅଛି ।

ଏଠାରେ ଅତ୍ୟନ୍ତ ପ୍ରାଚୀନ "ଟେକ୍‌ନିକାଲ ଇନଷ୍ଟିଚ୍ୟୁଟ" "ପୂର୍ଣ୍ଣଚନ୍ଦ୍ର ଇଣ୍ଡଷ୍ଟ୍ରିଆଲ ଇନଷ୍ଟିଚ୍ୟୁଟ" ସ୍ୱର୍ଗତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ସ୍ମୃତିରେ ୧୯୩୧ ମସିହାରେ ଜନ୍ମ ଲଭିଥିଲା ।

ଏ ସମସ୍ତ ପ୍ରାଚୀନ ଶିକ୍ଷାନୁଷ୍ଠାନମାନ ବାଦ ଦେଲେ ବାରିପଦାରେ ବି.ଏଡ୍. କଲେଜ, ଆଇନ ମହାବିଦ୍ୟାଳୟ, ହୋମିଓପାଥିକ ମହାବିଦ୍ୟାଳୟ, ଆୟୁର୍ବେଦିକ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଇତ୍ୟାଦି ଶିକ୍ଷାନୁଷ୍ଠାନମାନ ରହିଅଛି ।

Digitized by srujanika@gmail.com

କପ୍ତିପଦାର ଶାସନ କାର୍ଯ୍ୟ ସମ୍ପର୍କରେ—

ମୟୂରଭଞ୍ଜ ଏକ ପ୍ରାଚୀନତମ ସ୍ଥାନ । ପୌରାଣିକ ଉପାଖ୍ୟାନ ମଧ୍ୟ ଏହାର ପ୍ରାଚୀନତା ସପକ୍ଷରେ ମତ ଦିଏ । ବଳସ୍ତୁ ପିଠକରୁ ମଧ୍ୟ ମୟୂରଭଞ୍ଜ ସ୍ଥିତ ଯେ ବହୁ ପୂର୍ବରେ ଥିଲା, ଏ ସମ୍ବନ୍ଧରେ ଇତିହାସ ଉଦ୍ଧାର କରିବା ଏକ ଦୁଷ୍କର ବ୍ୟାପାର । କପ୍ତିପଦା ବର୍ତ୍ତମାନ ଏହାର ଏକ ଅଂଶ ହେଲେ ମଧ୍ୟ ଅତୀତରେ ଏହା ମୟୂରଭଞ୍ଜଠାରୁ ଭିନ୍ନ ହୋଇ ଏକ ସ୍ୱତନ୍ତ୍ର ଭୂଖଣ୍ଡ ଥିଲା । ଏକ ସ୍ୱାଧୀନ ରାଜ୍ୟ ସ୍ୱରୂପରେ ଏହା ପରିଚିତ ହେଉଥିଲା । ବଂଶାନୁକ୍ରମିକ ଭାବେ ଭୁଜଙ୍ଗ ବଂଶ ଏହାର ଶାସନ କାର୍ଯ୍ୟ ସମ୍ପନ୍ନ କରୁଥିଲେ ; ମାତ୍ର ୧୮୯୦ରେ କପ୍ତିପଦା ମୟୂରଭଞ୍ଜ ସହ ମିଶ୍ରିତ ହୋଇଥିଲା ।

ପଞ୍ଚଦଶ ଶତାବ୍ଦୀର ମଧ୍ୟ ଭାଗରେ ଗଜପତି ରାଜା କପିଳେନ୍ଦ୍ର ଦେବଙ୍କ ରାଜତ୍ୱ ସମୟରେ ତାହା ସରଦାର ଫତେମୁଣ୍ଡି ଦ୍ୱାରା ନିର୍ମିତ ହୋଇଥିଲା । ୧୪୩୫ରୁ ୧୪୬୭ ପର୍ଯ୍ୟନ୍ତ ସେ କପିଳେନ୍ଦ୍ର ଦେବଙ୍କ ଅଧୀନ ରାଜା ଥିଲେ । ତାଙ୍କର ମୁଖ୍ୟ କାର୍ଯ୍ୟାନୁ ତଥା ରାଜଧାନୀ ଥିଲା କଇଁସାରୀ । ସେଠାରେ ସେ ଏକ ସୁଦୃଢ଼ ଦୁର୍ଗ ମଧ୍ୟ ନିର୍ମାଣ କରିଥିଲେ । ମାତ୍ର ତାଙ୍କ ସମ୍ପର୍କରେ ବିଶେଷ କୌଣସି ପର୍ଯ୍ୟନ୍ତ ଅଜ୍ଞାତ । କେବଳ ମାତ୍ର ଏତିକି ଜଣାଯାଏ ଯେ, ତାଙ୍କ ପରେ ତାଙ୍କର ଉତ୍ତରାଧିକାରୀ ହେଲେ ତାଙ୍କର ପୁତ୍ର ସେନାପତି । ସେ ରାଜା ପୁରୁଷୋତ୍ତମ ଦେବଙ୍କ ସେନାପତି ଥିଲେ । ପୁରୁଷୋତ୍ତମଦେବ କାଞ୍ଚୀ ରାଜକନ୍ୟାଙ୍କ ପାଣିଗ୍ରହଣ କରିବାକୁ ଚାହିଁଥିଲେ । ମାତ୍ର କାଞ୍ଚୀର ନରପତି ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା କାଳରେ ପୁରୁଷୋତ୍ତମଦେବ ଛେରାପହଁରା କରୁଥିବାରୁ ତାଙ୍କୁ ଚଣ୍ଡାଳ ବୋଲି କହି ଅପମାନିତ କରିଥିଲେ । ସେହି ଅପମାନର ପ୍ରତିଶୋଧ ନେବା ପାଇଁ ପୁରୁଷୋତ୍ତମ ଦେବ କାଞ୍ଚୀ ନରପତିଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ସେହି ଯୁଦ୍ଧରେ ବଦନ୍ତ୍ର ବରାଟ ନଗର ଅପୂର୍ବ କୌଶଳ ଓ ସାହସିକତାର ପରିଚୟ ଦେଇ ପୁରୁଷୋତ୍ତମଦେବଙ୍କୁ ବିଜୟୀ ହେବାରେ ସାହାଯ୍ୟ କରିଥିଲେ । ଗଜପତି ବଦନ୍ତ୍ର ବରାଟଙ୍କ ବୀରତ୍ୱ ଓ ସାହସିକତାରେ ମୁଗ୍ଧ ହୋଇ ତାଙ୍କୁ ଭଞ୍ଜ ଖୁଣ୍ଟିଆ ଉପାଧିରେ ଭୂଷିତ କରିଥିଲେ । ତାପରେ

Digitized by srujanika@gmail.com

ତାଙ୍କର ଉତ୍ତରାଧିକାରୀମାନେ ମଧ୍ୟ ଜୟ ଭଞ୍ଜ, ବସନ୍ତ ଭଞ୍ଜ, ଅଭିନବ ଭଞ୍ଜ, ପରୀକ୍ଷିତ ଭଞ୍ଜ ଉପାଧିରେ ଭୂଷିତ ହେବେ ବୋଲି ଅନୁମତି ପ୍ରଦାନ କରିଥିଲେ । ଏହା ପରେ ବସନ୍ତ ବସନ୍ତ ବିରାଟ ଭଞ୍ଜ ରୂପେ ପରିଚିତ । ସେ ପ୍ରତ୍ୟେକ ବସନ୍ତ ପୂର୍ଣ୍ଣିମା ଦିନ ଗଜପତି ରାଜାଙ୍କୁ ହୀରା ପରିପୂର୍ଣ୍ଣ ସୁନା ପାତ୍ର ଉପହାର ଦେଉଥିଲେ । ଏହାକୁ ବହୁଦିନ ଧରି ତାଙ୍କର ଉତ୍ତରାଧିକାରୀ-ମାନେ ଅନୁସରଣ କରିଥିଲେ । ବସନ୍ତ ବିରାଟଙ୍କ ଦୁଇଜଣ ରାଣୀ ଥିଲେ- ହଂସବତୀ ଓ କଲରାବତୀ । ସାନରାଣୀ କଲରାବତୀଙ୍କୁ ଗାରେଡ଼ି ଗ୍ରାମର ରାଜସ୍ୱ ପ୍ରଦାନ କରାଯାଇଥିଲା । ଦେବେନ୍ଦ୍ର ଚୋଟ୍ୟର ପୂର୍ବପଟ ସୀମା ଠିକ୍ ଭାବେ ନିର୍ଦ୍ଧାରଣ କରାଯାଇ ପାରୁନଥିଲା । କାରଣ ନୀଳାମ୍ବର, ଗିରିଧାରୀ ଓ ଶଙ୍କର ନାମକ ତିନିଜଣ ସର୍ଦ୍ଦାର ମିଳିତ ଭାବେ ପୂର୍ବ ସୀମାରେ ଏକ ଭୂଖଣ୍ଡକୁ ଦାବୀ କରୁଥିଲେ । ଏହାର ସ୍ଥାୟୀ ସମାଧାନ ପାଇଁ ବସନ୍ତ ବିରାଟ ପଦକ୍ଷେପ ନେଲେ । ଫଳରେ ଉଭୟ ପକ୍ଷ ମଧ୍ୟରେ ଏକ ଯୁଦ୍ଧ ସଂଘଟିତ ହୋଇଥିଲା । ବସନ୍ତ ବିରାଟ ତିନିଜଣଙ୍କୁ ଯୁଦ୍ଧରେ ପରାଜିତ କରି ସେମାନଙ୍କ ଅଧିକାରରେ ଥିବା ଭୂଖଣ୍ଡକୁ ଦଖଲ କରିନେଲେ । ଯାହାର ନାମକରଣ କଲେ (ଦୁଇ ସର୍ଦ୍ଦାରଙ୍କ ସ୍ମୃତି ପାଇଁ ସେମାନଙ୍କ ନାମର ପ୍ରଥମ ଅକ୍ଷରଗୁଡ଼ିକୁ ଯୋଡ଼ି ନୀଳାମ୍ବର ଓ ଗିରିଧାରୀରୁ) "ନୀଳଗିରି" । ଶଙ୍କରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶଙ୍କରଖଣ୍ଡା ନାମକ ଏକ ବିରାଟ ପୋଖରୀ ଖୋଳାଯାଇଥିଲା ।

ବସନ୍ତ ବିରାଟ ବାସ୍ତବରେ ଏକ ସୁଯୋଗ୍ୟ ଶାସକ ଥିଲେ । ବସନ୍ତ ବିରାଟଙ୍କ ପରେ ରାଣୀ ହଂସବତୀଙ୍କ ପୁତ୍ର ଜୟ କୁମାର ବିରାଟ ଭଞ୍ଜ ଶାସନ ଗ୍ରହଣ କରିଥିଲେ । ରାଣୀ କଲରାବତୀଙ୍କ ପୁତ୍ର ନୀଳଗିରି ଦାୟିତ୍ୱରେ ରହିଲେ । ଏହାପରେଠାରୁ ଦୁଇ ରାଜମାତାଙ୍କ ନାମାନୁସାରେ ହଂସ ଓ କଲରା ଫୁଲ ରାଜକୀୟ ଚିହ୍ନ ରୂପେ ବ୍ୟବହାର କରାଯାଉଥିଲା । ଜୟକୁମାର ବିରାଟ ଭଞ୍ଜଙ୍କ ଉତ୍ତରାଧିକାରୀ ହେଲେ ପୁତ୍ର ଅଜୟ କୁମାର ଅଭିନବ ଭଞ୍ଜ ଏବଂ ତାଙ୍କ ପରେ ଶାସନ କାର୍ଯ୍ୟ ପରିଚାଳନା କଲେ ଅଜୟ କୁମାରଙ୍କ ପୁତ୍ର ନୀଳାମ୍ବର କୁମାର ପରୀକ୍ଷିତ ଭଞ୍ଜ । ପରୀକ୍ଷିତ ଭଞ୍ଜଙ୍କ ପରେ ସିଂହାସନ ଆରୋହଣ

Digitized by srujanika@gmail.com

ହେଲେ ପୁତ୍ର ଶରତ ଚନ୍ଦ୍ର ଭଞ୍ଜ ଭୁଜଙ୍ଗ । ରାଜା ଶରତ ଚନ୍ଦ୍ର କପ୍ତିପଦା ନାମକ ସ୍ଥାନର ଭିତ୍ତି ସ୍ଥାପନ କରିଥିଲେ । ସୋନ ନଦୀର କୂଳରେ ଏକ ଦୁର୍ଗ ନିର୍ମାଣ କରିଥିଲେ । ସେଠାରେ ଦେବୀ କାପୋତାମୁଣ୍ଡିଙ୍କୁ ସ୍ଥାପନା କରିଥିଲେ । ଶ୍ରାବଣ ପୂର୍ଣ୍ଣିମା ଦିନ ସେ ରାଜ୍ୟର ପ୍ରଧାନ କାର୍ଯ୍ୟାଳୟ କାଇଁଶାରୁ କପ୍ତିପଦାକୁ ସ୍ଥାନାନ୍ତରିତ କରିଥିଲେ ।

ଶରତ ଚନ୍ଦ୍ରଙ୍କ ପରେ ସତେଇଶ ଜଣ ରାଜା କପ୍ତିପଦା ଉପରେ ଶାସନ କରିଥିଲେ ମାତ୍ର ସେମାନଙ୍କ ସମ୍ପର୍କରେ ସବିଶେଷ ବିବରଣୀ ବିଷୟରେ ଇତିହାସ ନୀରବ । ୨୮ତମ ରାଜା ହେଲେ ନୃସିଂହ ଚରଣ ମାନଧାତା । ଲୋକ ପ୍ରବାଦ ଅନୁସାରେ ତାଙ୍କର ପିତା ମାତା ଭଗବାନ ନୃସିଂହଙ୍କ କୃପାରୁ ତାଙ୍କୁ ଲାଭ କରିଥିବାରୁ ତାଙ୍କ ନାମ ନୃସିଂହ ଚରଣ ରଖାଯାଇଥିଲା ଏବଂ କାଇଁଶାରେ ଥିବା ଦେବୀ ବସନ୍ତପାଟଙ୍କ ମୂର୍ତ୍ତି ନିକଟରେ ଭଗବାନ ନୃସିଂହଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା । ତାଙ୍କ ପରେ ରାଜା ହେଲେ ପୁତ୍ର ଚନ୍ଦ୍ରଶେଖର ମାନଧାତା । ଚନ୍ଦ୍ରଶେଖରଙ୍କ ଉତ୍ତରାଧିକାରୀ ହେଲେ ରାମଚନ୍ଦ୍ର ମାନଧାତା । ମାତ୍ର ତାଙ୍କ ପରେ ରାଜା ପିତାମ୍ବର ମାନଧାତାଙ୍କ ସମୟରେ ଏକ ବିଦ୍ରୋହର ସୂତ୍ରପାତ ହୋଇଥିଲା । ଭୀଷଣ ସଂଘର୍ଷ ପରେ ବିଦ୍ରୋହୀମାନେ କପ୍ତିପଦା ଦୁର୍ଗ ଅଧିକାର କରିନେଇଥିଲେ । ପିତାମ୍ବର ମାନଧାତା ରାଣୀ ସୁଭଦ୍ରା ଦେବୀ ଓ ପୁତ୍ର ବାରିବର ବସନ୍ତପାଟଙ୍କ ମନ୍ଦିରରେ ଆତ୍ମଗୋପନ କରିଥିଲେ । ଏହି ଦୁର୍ଦ୍ଦିନରେ ଜଣେ ମନ୍ତ୍ରଦ୍ରଷ୍ଟ୍ରୀ ମହିଳାଙ୍କର ଅଭ୍ୟୁଦୟ ହେଲା । ବାରଂବାର ଛାତି ଅତିଭକ୍ତିରୁ ଏହି ମହିଳା ଜଣକ ଦେବୀ ବସନ୍ତ ପାଟଙ୍କ କୃପା ଲାଭ କରିଥିଲେ ବୋଲି କଥିତ ଅଛି । ସେ ସ୍ୱୟଂ କପ୍ତିପଦାର ସୈନ୍ୟବାହିନୀର ନେତୃତ୍ୱ ନେଇ ବିଦ୍ରୋହ ଦମନ କରିଥିଲେ । ବିଜୟୀ ହେବା ପରେ ରାଜା ପିତାମ୍ବର ମାନଧାତାଙ୍କ ଦ୍ୱାରା ସମ୍ମାନିତା ହୋଇଥିଲେ ଓ ତାଲଡ଼ିହା ଗ୍ରାମଟିକୁ ତାଙ୍କୁ ପୁରସ୍କାର ସ୍ୱରୂପ ପ୍ରଦାନ କରାଗଲା । ପିତାମ୍ବରଙ୍କ ପରେ ରାଜା ହେଲେ ପରୀକ୍ଷିତ ଭୁଜଙ୍ଗ ବରାବର ମାନଧାତା । ଅଳ୍ପ ସମୟର ରାଜତ୍ୱ ପରେ ତାଙ୍କର ମୃତ୍ୟୁ ଘଟିଥିଲା । ରାଣୀ ହିରାଦେବୀ ନାବାଳକ ରାଜକୁମାର

Digitized by srujanika@gmail.com

ଉଦୟସିଂହ ମାନଧାତାଂକ ନାମାନୁସାରେ ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଉଦୟସିଂହଙ୍କ ରାଜତ୍ୱ ସମୟରେ ପୁନର୍ବାର ବିଦ୍ରୋହ ମୁଣ୍ଡ ଟେକିଥିଲା । ସୀତା ଦେବୀ ଉତ୍ସାହର ସହ ସ୍ୱୟଂ ସୈନ୍ୟ ପରିଚାଳନା କରୁଥିଲେ । ସୁନେଇ କୁଣ୍ଡ ନାମକ ପୋଖରୀର ପଶ୍ଚିମ ପଟରେ ଉଭୟ ପକ୍ଷ ମଧ୍ୟରେ ଭୀଷଣ ସଂଘର୍ଷ ହୋଇଥିଲା । ପରିଶେଷରେ ବିଦ୍ରୋହୀମାନେ ପଛଘୁଞ୍ଚା ଦେଲେ । ସୀତାଦେବୀ ବିଦ୍ରୋହ ଦମନ କରିବାକୁ ସମର୍ଥ ହେଲେ ମାତ୍ର ୧୮୮୦ରେ ପୁନର୍ବାର ବିଦ୍ରୋହର ସୂତ୍ରପାତ ହେଲା । ସେଥିରେ କି କପ୍ତିପଦା ଦୁର୍ଗ ଅଗ୍ନିରେ ଭସ୍ମିଭୂତ ହୋଇଥିଲା । ଉଦୟସିଂହ ସପରିବାର ଜ୍ୱଳନ୍ତ ଦୁର୍ଗରୁ ପଳାୟନ କରି ଆତ୍ମରକ୍ଷା କରିଥିଲେ । ପରେ ସେ ବିଦ୍ରୋହକୁ ଦମନ କରିଥିଲେ । ଏହାପରେ ସେ କପ୍ତିପଦା ଦୁର୍ଗକୁ ପୁନର୍ବାର ନିର୍ମାଣ କରିଥିଲେ ।

ଜମ୍ବୁ ଭୂକଙ୍ଗ ଉଦୟସିଂହ ମାନଧାତା ବୃଦ୍ଧ ହେଲେ ଓ ଶାନ୍ତିପ୍ରିୟ ଶାସକ ଥିଲେ । ବାରମ୍ବାର ବିଦ୍ରୋହ ମୁଣ୍ଡ ଟେକିବାରୁ ସେ ଅସ୍ଥିର ହୋଇପଡ଼ିଥିଲେ । ପ୍ରଜାମାନଙ୍କଠାରୁ ଭୂ ରାଜସ୍ୱ ମଧ୍ୟ ଆଦାୟ କରିବାକୁ ଅସମର୍ଥ ହେଲେ । ସେତେବେଳେ ମୟୂରଭଞ୍ଜରେ ଅପ୍ରାପ୍ତ ବୟସ୍କ ରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମାନୁଯାୟୀ Couit of word ଶାସନ କାର୍ଯ୍ୟ ପରିଚାଳନା କରୁଥିଲେ । ଶ୍ରୀରାମଚନ୍ଦ୍ର ମ୍ୟାନେଜର ପି ୱାଇଲିଙ୍କୁ କପ୍ତିପଦାର ଜମିଜମା ବନ୍ଦୋବସ୍ତ ଓ ବିଶୃଙ୍ଖଳାକୁ ଦୂର କରିବା ପାଇଁ ଏକ ପତ୍ରରେ ନିର୍ଦ୍ଦେଶ ଦେଲେ । ପି. ୱାଇଲି ମୟୂରଭଞ୍ଜର ଦେୱାନଙ୍କ ସହ ସେଠାକୁ ଯାତ୍ରା କଲେ ଓ ଅଭ୍ୟନ୍ତରୀଣ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ମୟୂରଭଞ୍ଜରୁ ଏକ ମ୍ୟାନେଜର ନିଯୁକ୍ତ ଦିଆଯାଉ ବୋଲି ଉଦୟସିଂହ ମାନଧାତାଙ୍କୁ ଏକ ପତ୍ର ଲେଖିବାକୁ ପରାମର୍ଶ ଦେଲେ । ଉଦୟସିଂହ ମଧ୍ୟ ସମ୍ମତି ପ୍ରଦାନ କରିଥିଲେ । ଏହାପରେ କପ୍ତିପଦାକୁ ମୟୂରଭଞ୍ଜ ସହ ମିଶାଇ ଦିଆଗଲା । ମାତ୍ର ଏଠାରୁ ଏହାର ବିରୋଧିତା କରି ଏକ ବିଦ୍ରୋହର ସୂତ୍ରପାତ ହେଲା । ବିଦ୍ରୋହର ଅବ୍ରୁନଙ୍କ ରୂପେ ଦେଖା ଦେଇଥିଲା । ସ୍ୱୟଂ ରାଜା ମଧ୍ୟ ଏହା ସମ୍ପର୍କରେ ସଚେତନ ଥିଲେ । ମଝିରେ ମଝିରେ ହେଉଥିବେଳେ ରାଜପରିବାରର ସମସ୍ତେ ଗମ୍ଭୀର ନିଦ୍ରାରେ ମଗ୍ନ, ବିଦ୍ରୋହୀମାନେ ପ୍ରାସାଦ ଲୁଟି

Digitized by srujanika@gmail.com

ରାଜକୋଷ ଲୁଣ୍ଠନ କଲେ । ରାଜା ଓ ରାଣୀ ପ୍ରାଣରକ୍ଷା କରି ପଳାୟନ କଲେ । ରାଣୀ ଅହ୍ଲାଦ କୁମାରୀ ବାଳକ ରାଜକୁମାର ଗୌରଚନ୍ଦ୍ରଙ୍କ ସହ ପଳାୟନ କରୁଥିବା ସମୟରେ ଆହତ ହୋଇ ସଂଜ୍ଞା ହରାଇଥିଲେ । ରାଜା ମଧ୍ୟ ଶୋଚନୀୟ ଭାବରେ ଆହତ ହୋଇଥିଲେ । ପରଦିନ ବାରିପଦାରୁ ଯାଇଥିବା ସଶସ୍ତ୍ର ପୋଲିସ ବାହିନୀ ବିଦ୍ରୋହ ଦମନ କରିବା ସଙ୍ଗେ ସଙ୍ଗେ ବିଦ୍ରୋହୀମାନଙ୍କୁ ଦଣ୍ଡ ଦିଆଯାଇଥିଲା । ରାଜା ଓ ରାଣୀଙ୍କୁ ବାରିପଦା ଅଣାଯାଇ ଚିକିତ୍ସାଳୟରେ ଚିକିତ୍ସା କରାଯାଇଥିଲା । ଦିବ୍ୟସିଂହ ଭଞ୍ଜଙ୍କ ଆରୋଗ୍ୟ ଲାଭ କରି ୧୯୦୩ରେ ମୃତ୍ୟୁ ପର୍ଯ୍ୟନ୍ତ ଶାସନ କାର୍ଯ୍ୟ ସମ୍ପାଦନ କରିଥିଲେ । ତାଙ୍କ ପରେ ତାଙ୍କର ଉତ୍ତରାଧିକାରୀ ହେଲେ ବସନ୍ତ ଭଞ୍ଜଙ୍କ ଗୌରଚନ୍ଦ୍ର ମାନ୍ଧାତା । ସେ ମୟୂରଭଞ୍ଜର ରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଭ୍ରାତା ନୀଳଗିରି ରାଜା ଶ୍ରୀ ଶ୍ୟାମ-ଚନ୍ଦ୍ର ଭଞ୍ଜଦେଓଙ୍କ କନ୍ୟା ଲାବଣ୍ୟମଞ୍ଜରୀଙ୍କୁ ବିବାହ କରିଥିଲେ ।

ପରିଶେଷରେ ଏହା କୁହାଯାଇପାରେ ଯେ, ମୟୂରଭଞ୍ଜ ସହ ମିଶିବା ପର୍ଯ୍ୟନ୍ତ କପ୍ତିପଦା ଏକ ଜମିଦାରୀ ରାଜ୍ୟ ଥିଲା । ଭଞ୍ଜଙ୍କ ବଂଶର ଜଣକ ପରେ ଜଣେ ଏହାର ଶାସନ କାର୍ଯ୍ୟ ସମ୍ପନ୍ନ କରିଆସୁଥିଲେ । ତଥାପି ଏହାର ଅଧିକାଂଶ ଇତିହାସ ପ୍ରମାଣ ଅଭାବରୁ ତମସାଚ୍ଛାଦିତ. ଗୌରଚନ୍ଦ୍ର ବସନ୍ତ ଭଞ୍ଜଙ୍କ ପରେ ତାଙ୍କ ପୁତ୍ର ରଜତ ଚନ୍ଦ୍ର ଅଭିନବ ଭଞ୍ଜଙ୍କ ଜମିଦାର ରୂପେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ରଜତ ଚନ୍ଦ୍ରଙ୍କ ପରେ ତାଙ୍କ ପୁତ୍ର ପ୍ରମୋଦ ଚନ୍ଦ୍ର 'ପକ୍ଷୀତ ଭଞ୍ଜଙ୍କ' ସମୟରେ ୧୯୫୨ରେ "Orissa Estates Abolition Act" ବଳରେ କପ୍ତିପଦା ଜମିଦାରୀର ପରିସମାପ୍ତି ହେଲା ।

Digitized by srujanika@gmail.com

ରାଇରଂଗପୁର : ମୟୂରଭଞ୍ଜର ଅନ୍ୟତମ ସହର । ଜିଲ୍ଲାର ଉତ୍ତରରୁ ଅବସ୍ଥିତ । ଟାଟା ଗୋରୁମହିଷାଣୀ ରେଲ ଲାଇନ କଡ଼ରେ ଅବସ୍ଥିତ ହେବାରୁ ଅନ୍ୟତମ ବାଣିଜ୍ୟ କେନ୍ଦ୍ର । ବାଦାମପାହାଡ଼, ଗୋରୁମହିଷାଣୀ, ସୁଲେଇପାଟ ଲୁହାଖଣି ଏହି ସହରଠାରୁ ଅଳ୍ପ ଦୂରରେ ଅବସ୍ଥିତ । ସୁଲେଇ-ପାଟ ଡ୍ୟାମ" ଅନ୍ୟତମ ଦର୍ଶନୀୟ ସ୍ଥାନ ଓ ପିକନିକ ସ୍ଥଳୀ ।

ଖିଚିଂ : ବୈତରଣୀ ନଦୀର ଅଦୂରରେ ଏକ ବନ୍ୟ ପରିବେଷ୍ଟିତ ସ୍ଥାନରେ ଅବସ୍ଥିତ । ଏକଦା 'ଖିଚିଂକୋଟ" ବା "ଖିଚିଂ" ମୟୂରଭଞ୍ଜର ରାଜଧାନୀ ଥିଲା । ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଖିଚିଂ କଳା ଓ ସଂସ୍କୃତିର ଏକ ଗୌରବମୟ କେନ୍ଦ୍ର ଭାବେ ପରିଚିତ ଥିଲା । ଏହି ସ୍ଥାନ ବିଶେଷ ଭାବେ ଶିଳ୍ପାତ୍ମକ ନିର୍ମାଣ କାର୍ଯ୍ୟ ପାଇଁ ପ୍ରସିଦ୍ଧ ଥିଲା । ପ୍ରାୟ ଏକ ହଜାର ବର୍ଷ ତଳର ଏହି ମନ୍ଦିର "ଚାମୁଣ୍ଡା ଦେବୀ"ଙ୍କ ଉଦ୍ଦେଶ୍ୟରେ ନିର୍ମିତ ହୋଇଥିଲା । ଭଞ୍ଜରାଜା ହରିହରପୁର ଗଡ଼କୁ ରାଜଧାନୀ ଉଠାଇ ଆଣିବା ପରେ ବାରମ୍ବାର ବଙ୍ଗର ମୁସଲମାନ ଶାସକମାନଙ୍କର ଆକ୍ରମଣରେ ଖିଚିଂ ମନ୍ଦିର ଧ୍ୱଂସ ପାଇଗଲା । ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରଚେଷ୍ଟାରେ ୧୯୩୪ ପୁଣି ଧ୍ୱଂସସ୍ତୂପରୁ ଏକତ୍ରିକରଣ କରି ମନ୍ଦିରର ନବୀକରଣ କରିଥିଲେ ଏବଂ ସେଠାରେ ଏକ ସଂଗ୍ରହାଳୟ ପ୍ରତିଷ୍ଠା କରି କଳା ସ୍ଥାପତ୍ୟର ସୂକ୍ଷ୍ମ କାରୁକାର୍ଯ୍ୟ ଗୁଡ଼ିକୁ ସାଇତି ରଖିଥିଲେ । ଏହି କାର୍ଯ୍ୟ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟଙ୍କ ଦ୍ୱାରା ସମ୍ପନ୍ନ ହୋଇ-ଥିଲା । ଏହି ସଂଗ୍ରହାଳୟ ପ୍ରତିଷ୍ଠା ହୋଇଥିଲା ୧୯୨୨ ମସିହାରେ । ଏହା ଓଡ଼ିଶାର ସବୁଠାରୁ ବଡ଼ ସ୍ଥାନୀୟ ମ୍ୟୁଜିୟମ୍ । ଖିଚିଂ ପଥର ତିଆରି କାମ ପାଇଁ ପୃଥିବୀ ପ୍ରସିଦ୍ଧ ।

ପ୍ରତାପପୁର : ବାରିପଦାଠାରୁ ଦକ୍ଷିଣ ପୂର୍ବରେ ୧୧ ମାଇଲ ଦୂରରେ ଅବସ୍ଥିତ । ଏହାର ପୂର୍ବନାମ ରାମଚନ୍ଦ୍ର ପୁର । କଥିତ ଅଛି ଗଜପତି ରାଜା ପ୍ରତାପରୁଦ୍ରଦେବ "ଦଧିବାମନ" ଏବଂ ମହାପ୍ରଭୁ "ଶ୍ରୀଚୈତନ୍ୟ"ଙ୍କ ବିଗ୍ରହ ନେଇ ବୃନ୍ଦାବନ ଯାଉଥିବା ବେଳେ ମୟୂରଭଞ୍ଜର ଏହି ସ୍ଥାନରେ ଅବରୁଦ୍ଧ

Digitized by srujanika@gmail.com

ହୋଇଯାଉଥିଲେ । ଏହା ପରେ ସ୍ୱପ୍ନ ହୋଇ ସେ ଉପାସନେ ଏ ଆଶା ତାଙ୍କ ଷାଣ କଣ ଦିବାରୁ ସେ ସେଠାରେ ହିଁ "ଦଧିବାମନ" ଏବଂ "ଶ୍ରୀଚୈତନ୍ୟଙ୍କ" ମୂର୍ତ୍ତି ପ୍ରତିଷ୍ଠା କରି ୧୪ ଜଣ ପଣ୍ଡାଙ୍କୁ ପୂଜା କରିବା-ପାଇଁ ନିଯୁକ୍ତ କରିଥିଲେ । ସେହିଦିନ ଠାରୁ ସେଠାରେ ଏ ଦୁଇବିଗ୍ରହ ପୂଜା ପାଇ ଆସୁଛନ୍ତି । ଏହାର ବର୍ତ୍ତମାନ ନାମ "ମହାପ୍ରଭୁ ଦେବ"ଙ୍କ ସ୍ମରଣରେ ନାମିତ ।

ମହୁଲଡ଼ିହା : ଏହା ଏକ ଐତିହାସିକ ସ୍ଥାନ । ଭାରତୀୟ ସ୍ୱଦେଶୀ ଆନ୍ଦୋଳନ ସମୟରେ ଯତୀନ୍ଦ୍ରନାଥ ମୁଖାର୍ଜୀଙ୍କ ଓ ତାଙ୍କର ସାଥୀମାନେ ୧୯୧୫ ଖ୍ରୀଷ୍ଟାବ୍ଦରେ କପ୍ତିପଦା ଜଙ୍ଗଲ ଅନ୍ତର୍ଗତ ମହୁଲଡ଼ିହା ଗ୍ରାମରେ ଆସ୍ଥାନ ସ୍ଥାପନ କରି ଅସ୍ତ୍ରଶସ୍ତ୍ର ଚାଳନା ଶିକ୍ଷାଲାଭ କରୁଥିଲେ । ମାତ୍ର ସେମାନଙ୍କ ଉଦ୍ଦେଶ୍ୟ ସଫଳ ହୋଇନଥିଲା । ଶେଷରେ ଚଷଖଣ୍ଡ ଠାରେ ଇଂରେଜମାନଙ୍କ ସହିତ ଏକ ସମ୍ମୁଖ ଯୁଦ୍ଧରେ ଏହି ଦେଶଭକ୍ତ ଶହୀଦ ମାନଙ୍କର ମୃତ୍ୟୁ ହେଲା । ଉକ୍ତ ସ୍ଥାନ ଏବେ ସେ ସ୍ମୃତି ଜାଗ୍ରତ କରାଏ ।

ଶମୀବୃକ୍ଷ ; କପ୍ତିପଦା ସବଡିଭିଜନ ଅନ୍ତର୍ଗତ "ପୋଡ଼ାଡ଼ିହା" ଠାରୁ ୨ ମାଇଲ ଦୂରରେ ୫୦୦ ଫୁଟ ଉଚ୍ଚରେ ଏକ ଗୋଲ ପଥର ଚଟା ଦେଖିବାକୁ ମିଳେ । ଉକ୍ତ ପାହାଡ଼ର ପଶ୍ଚିମ ପଟରେ ୫ଟି ଗୁମ୍ଫା ଅଛି । କିମ୍ବଦନ୍ତୀ ଅଛି ଅଜ୍ଞାତବାସ ସମୟରେ ପାଣ୍ଡବମାନେ ଏଠାରେ ସେମାନେ ଅସ୍ତ୍ରଶସ୍ତ୍ର ଲୁଚାଇ ରଖିଥିଲେ । ଉକ୍ତ ପାହାଡ଼ ବା ପଥରକୁ "ଶମୀବୃକ୍ଷ" କୁହାଯାଏ । ଏଠାରେ ପ୍ରତିବର୍ଷ ମକର ସଂକ୍ରାନ୍ତି ସମୟରେ ଏକ ବଡ଼ ମେଳା ବସେ ।

ଭୀମକୁଣ୍ଡ : ମୟୂରଭଞ୍ଜର ଠାକୁରମୁଣ୍ଡା ପାଖରେ "ଭୀମକୁଣ୍ଡ" ନାମକ ଏକ ଦର୍ଶନୀୟ ସ୍ଥାନ ଅଛି । ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ସୀମାନ୍ତରେ ପ୍ରବାହିତ ବୈତରଣୀ ନଦୀରେ ଏହା ଅବସ୍ଥିତ । କିମ୍ବଦନ୍ତୀ ଅଛି ପାଣ୍ଡବମାନେ ବିରାଟ ନଗର (ବର୍ତ୍ତମାନ କପ୍ତିପଦା)ରେ ଛଦ୍ମବେଶରେ

Digitized by srujanika@gmail.com

ରହୁଥିବା ବେଳେ ଭୀମ ଏହି କୁଣ୍ଡରେ ଗାଧୋଉ ଥିଲେ । ବୈତରଣୀ ନଦୀର ସ୍ରୋତ ପୂର୍ବରୁ ଅଦୃଶ୍ୟ ହୋଇଯାଇ "ଭୀମକୁଣ୍ଡ" ଠାରେ ବାହାରିଛି । ଏହି ସ୍ଥାନରେ ପ୍ରସିଦ୍ଧ "ମକରବୁଡ଼" ଅନୁଷ୍ଠିତ ହୁଏ ।

ରାଣୀବନ୍ଧ : ବହଳଦା ଠାରୁ ୫ ମାଇଲ ଦୂରରେ ଏହି ଗ୍ରାମ ଅବସ୍ଥିତ । ଏହି ଗାଁରେ ଏକ ଭଙ୍ଗା ପଥର ଦୁର୍ଗ ଦେଖିବାକୁ ମିଳେ । ତାହାର ଚତୁଃପାର୍ଶ୍ୱରେ ୧୨ଟି ପୋଖରୀ ଅଛି ଏବଂ ମଝିରେ ଗୋଟିଏ ପୋଖରୀ ଅଛି ।

ରତନପୁର : ପାଞ୍ଚପୀଢ଼ ସବଡ଼ିଭିଜନର ସାଲନ୍ଦୀ ନଦୀ ତଟରେ ପର୍ବତର ପାଦଦେଶରେ ଅବସ୍ଥିତ । ଏ ସ୍ଥାନର ଶାସକଙ୍କ ସହିତ ପୁରୀ ରାଜା ଗଙ୍ଗେଶ୍ୱରଦେବଙ୍କ ଯୁଦ୍ଧ ହୋଇଥିଲା ବୋଲି କବି ରାଧାନାଥ ରାୟଙ୍କ "ପାର୍ବତୀ" ମହାକାବ୍ୟରେ ବର୍ଣ୍ଣିତ ।

ଶିମିଳିପାଳ ଜାତୀୟ ଉଦ୍ୟାନ : ମୟୂରଭଞ୍ଜ ଜିଲ୍ଲାର ମଧ୍ୟଭାଗରେ ପର୍ବତମାଳାର ଦୁଇଟି ଶାଖା ଏକ ଉତ୍ତରକୁ ଓ ଅନ୍ୟ ଏକ ଦକ୍ଷିଣକୁ ବ୍ୟାପି ରହିଛି । ଏହାର ମଧ୍ୟସ୍ଥଳ ପ୍ରାୟ ବାଇଶ ଶହ ବର୍ଗ କିଲୋମିଟର ପର୍ବତମାଳାଦ୍ୱାରା ଆଚ୍ଛାଦିତ ହୋଇ "ଶିମିଳିପାଳ" ରୂପରେ ପରିଚିତ ହୋଇ-ଆସୁଅଛି । ଏହା ମଧ୍ୟରେ ଥିବା ୧୦୭୨ ବର୍ଗ କି. ମି. ଅଞ୍ଚଳକୁ ୧୯୭୫ ମସିହାରେ ଜାତୀୟ ଉଦ୍ୟାନ ରୂପେ ଘୋଷଣା କରାଯାଇଅଛି । ଏହି ଉଦ୍ୟାନରେ ବାଘ, ଚିତାବାଘ, ହରିଣ, ସମ୍ବର, ବଣ ମଇଁଷି, ଜଙ୍ଗଲି ହାତୀ ଇତ୍ୟାଦି ଅନେକ ପ୍ରକାରର ଜୀବଜନ୍ତୁ ଦେଖିବାକୁ ମିଳନ୍ତି । ଏକଦା ଏଠାରେ ଜନ୍ମିତ ପାଳିତ ହେଉଥିବା "ଖଇରୀ" ବାଘୁଣୀ ପାଇଁ ଏ ସ୍ଥାନ ବହୁ ପ୍ରସିଦ୍ଧ ହୋଇପାରିଥିଲା । ମୟୂରଭଞ୍ଜରେ ଯେତେଗୁଡ଼ିଏ ନଦୀ ରହିଛି ଯଥା – ବୁଢ଼ାବଳଙ୍ଗ, ଦେଓ, ସଳନ୍ଦୀ, ଖଡ଼କେଇ, ଖଇରଭଣ୍ଡାନ ପ୍ରଭୃତି ଏହି ଶିମିଳିପାଳରୁ ଉତ୍ପତ୍ତି ହୋଇଛି । ଉକ୍ତ ଉଦ୍ୟାନ ମଧ୍ୟରେ ଥିବା ବୁଢ଼ାବଳଙ୍ଗ ଓ ଦେଓ ନଦୀରେ

Digitized by srujanika@gmail.com

ଭୂମୀର ଉଚ୍ଚତା । ଏଠାରେ ଥିବା ସର୍ବୋଚ୍ଚ ପର୍ବତମାଳା ମଧ୍ୟ "ମେଘାସନୀ" ୧୧୬୦ ମିଟର, "ଭୁଡୁରୁ ଚମା" ୧୦୧୦ ମିଟର, "ବାଦାମ ପାହାଡ଼" ୮୩୫ ମିଟର, "ଚହଳ" ୭୭୫ ମିଟର ଓ "ବାଲିକହା" ୭୨୫ ମିଟର ଉଚ୍ଚ ।

ବରେହିପାଣି ଓ ଜୋରାଣ୍ଡା : ୪୦୦ ମିଟର ଉଚ୍ଚ ବିଶିଷ୍ଟ "ବରେହିପାଣି" ଏକ ସୁନ୍ଦର, ଲୋଭନୀୟ ଓ ଆଶ୍ଚର୍ଯ୍ୟଜନକ ଜଳପ୍ରପାତ । ଏଠାରେ ଜଳ ପାହାଡ଼ର ପାହାଚ ହୋଇ ଉପରୁ ତଳକୁ ଖସୁଛି । ଖସୁଥିବାବେଳେ ପ୍ରପାତର ଧାର "ବରେହି" ବା "ଦଉଡ଼ି" ଭଳିଆ ଦେଖାଯାଉଥିବାରୁ ଏହାର ନାମ "ବରେହିପାଣି" ।

ଉକ୍ତ ପାର୍ବତ୍ୟାଞ୍ଚଳରେ ବରେହିପାଣିଠାରୁ ୧୮ କି. ମି ଦୂରରେ ୧୫୦ ମି ଉଚ୍ଚତା ବିଶିଷ୍ଟ ଅନ୍ୟ ଏକ ଚିତ୍ତାକର୍ଷକ ଜଳପ୍ରପାତ ରହିଛି । ଏହାର ନାମ "ଜୋରାଣ୍ଡା" । ଏହାର ବୈଶିଷ୍ଟ୍ୟ ହେଉଛି ଯେ ପାଣି ଉପରୁ ତଳକୁ ସିଧା ଖସୁଛି । ଦେଖିଲେ ଏକ ସୂତା ଲମ୍ବେଇ ହେଉଥିବା ପରି ଜଣାଯାଏ । ଦୂରୁଠାରୁ ଅବର୍ଣ୍ଣନୀୟ ଉକ୍ତ ଉପତ୍ୟକାର ଶ୍ୟାମ ସୁନ୍ଦର ରୂପ । ଏଠାରେ ପାହାଡ଼ ସବୁ କାନ୍ଥ ପରି ସିଧା ସଳଖ ଉଠିଛି । ମନେହୁଏ କୌଣସି ଶିଳ୍ପୀ ଯେପରି ପଥରର କାନ୍ଥ ସବୁ ତିଆରି କରିଛି । ତେଣୁ ଏ ସ୍ଥାନର ଭୟଙ୍କରତା ସହଜରେ ଅନୁମେୟ ।

ଲୁଲୁଂ ଓ ମୁନିଦରହ : ବାରିପଦାଠାରୁ ପ୍ରାୟ ୬୦ କି. ମି ଦୂରରେ ଶିମିଳିପାଳ ପାର୍ବତ୍ୟାଞ୍ଚଳରେ ଏ ଦୁଇଟି ଅନ୍ୟତମ ପର୍ଯ୍ୟଟନସ୍ଥଳୀ । ମନୋରମ ଜଙ୍ଗଲ ପରିବେଶ ଏହାର ଅନ୍ୟତମ ଆକର୍ଷଣ । ଲୁଲୁଂଠାରେ ଏବେ ପର୍ଯ୍ୟଟକମାନଙ୍କ ପାଇଁ ଏକ ସୁନ୍ଦର ଆବାସସ୍ଥଳୀ ନିର୍ମାଣ କରାଯାଇଛି । ଲୁଲୁଂ ପଥର ତିଆରି କାମ ପାଇଁ ପ୍ରସିଦ୍ଧ । "ମୁନିଦରହ" ପୂର୍ବେ ମୁନି ଋଷିମାନଙ୍କ ତପସ୍ଥଳୀ ଥିଲା । ଏଠାରେ ଏକ "ଦରହ" ବା "ପାଣିସ୍ଥାନ" ଅଛି ।

Digitized by srujanika@gmail.com

ସେଉଁଠିକି କେଉଁ ତାଳରୁ ମାଛମାନେ ବଢ଼ିଆସୁଛନ୍ତି । ସେମାନଙ୍କୁ କେହି ଧରନ୍ତି ନାହିଁ । ମାଛ ଖାଦ୍ୟ ପକାଇଲେ । ଏହାର ନିର୍ମଳ ଜଳରେ ଶହ ଶହ ବଡ଼ ମାଛ ସବୁ ଦେଖିବାକୁ ମିଳେ ।

ଦେବକୁଣ୍ଡ : ଉଦଳାଠାରୁ ପ୍ରାୟ ୧୬ କି.ମି. ଦୂରରେ ଅବସ୍ଥିତ । ଏହି ସ୍ଥାନରେ ଗୋଟିଏ ଘନ ଜଙ୍ଗଲ ମଧ୍ୟରୁ ଝରଣାଟିଏ ପ୍ରବାହିତ ହୋଇ ପାଞ୍ଚଗୋଟି ପ୍ରାକୃତିକ କୁଣ୍ଡ ମଧ୍ୟ ଦେଇ ଜଳ ବ୍ୟବହୃତ ହେଉଅଛି । ଏ ପାହାଡ଼ରେ "ମା ଅମ୍ବିକା"ଙ୍କ ମନ୍ଦିର ବିଦ୍ୟମାନ । ମନ୍ଦିର ନିକଟରେ ପୂର୍ବରୁ ଯାତ୍ରୀମାନଙ୍କ ପାଇଁ ଛଅଗୋଟି ପକ୍କା କୋଠରୀ ରହିଛି ।

ପଥରିଆଗଡ଼ ଭଣ୍ଡାଗଡ଼ ଇଟାଗଡ଼ : ଶିମିଳିପାଳର ପଥରିଆ ଗଡ଼, ଭଣ୍ଡାଗଡ଼ ଓ ଇଟାଗଡ଼ର ପ୍ରତ୍ନତାତ୍ତ୍ୱିକ ଅବଶିଷ୍ଟାଂଶ ଅତୀବ ସ୍ୱତନ୍ତ୍ର । ଏହାର ଇତିହାସ ଓ କିମ୍ବଦନ୍ତୀ ମହାକାବ୍ୟ 'ମହାଭାରତ'ର ବିରାଟ ଘଟଣା ସହ ସଂଶ୍ଳିଷ୍ଟ । ମେଘାସନ ପର୍ବତ ମାଳାର ପାଦଦେଶରେ ଏହିଗଡ଼ର ବିରାଟ ଭଗ୍ନାବଶେଷ ଦେଖିବାକୁ ମିଳେ । ବିପଦ ସମୟରେ ବିରାଟ ରଜା ତଥା ତାଙ୍କ ପରିବାର ଏଠାରେ ଆଶ୍ରୟ ନେଉଥିଲେ । ଉଚ୍ଚ ଏକ ପାହାଡ଼ର ଶୀର୍ଷରେ ଥିବାରୁ ବିରାଟ ରାଜାଗଣଙ୍କ ଚତୁର୍ଦ୍ଦିଗର ପହରା ଦୃଷ୍ଟି ରଖିବା ସୁବିଧା ଜନକ ହେଉଥିଲା । ବର୍ତ୍ତମାନ ସେଠାରେ କୌଣସି ଦୁର୍ଗ ଦେଖାଯାଏ ନାହିଁ କିନ୍ତୁ ଅନେକ ଚିହ୍ନ ରହିଛି ଯାହା ଆଜି ବି କୁହେ ଯେ ଅତୀତରେ ଏଠାରେ ଏକ ଦୁର୍ଗ ଥିଲା । "ରଜାପୋଖରୀ" ଓ "ରାଣୀପୋଖରୀ" ନାମରେ ଦୁଇଟି ପୁଷ୍କରିଣୀ "ଡୁବଗଡ଼ିଆ" ପାହାଡ଼ ଉପରେ ଦେଖିବାକୁ ମିଳେ । ଏହି ପୁଷ୍କରିଣୀ ସହ ସଂଯୁକ୍ତ ଏକ ନାଳ ଏକ ଗାତରେ ଶେଷ ହୋଇଛି । କିମ୍ବଦନ୍ତୀରୁ ଜଣାଯାଏ ଯେ ବିରାଟ ବଂଶର ଜଣେ ରଜା ନିଜର ବିପର୍ଯ୍ୟୟ ସମୟରେ ଏଠାରେ ଆଶ୍ରୟ ନେଇଥିଲେ ଏବଂ ସେହି ସମୟରେ ସେ "ରଜାପୋଖରୀ"ରେ ବୁଡ଼ି ପ୍ରାଣ ହରାଇଥିଲେ । ଏଥିରୁ "ଡୁବଗଡ଼" ନାମ କରଣ ତାତ୍ପର୍ଯ୍ୟର ଯଥାର୍ଥତା । ବର୍ତ୍ତମାନ ହାତୀ ବାଘ ଆଦି ହିଂସ୍ର ଜନ୍ତୁଙ୍କ ଚଳପ୍ରଚଳ ହେତୁ ଏହା ଏକ ବିପଦ ସଙ୍କୁଳ ସ୍ଥାନ ହୋଇଛି ।

Digitized by srujanika@gmail.com

ମୟୂରଭଞ୍ଜର ଜାତୀୟ ନୃତ୍ୟ

ଛଉ ନୃତ୍ୟ—ଛଉ ନୃତ୍ୟ ଏକ ଆୟାସସାଧ୍ୟ ବ୍ୟାପାର । ଏଥିପାଇଁ ନୃତ୍ୟକାରୀମାନଙ୍କୁ କଠୋର ଶାରୀରିକ ସାଧନା କରିବାକୁ ପଡ଼େ । ନୂତନ ଶିକ୍ଷାର୍ଥୀମାନଙ୍କୁ ଛଉ ନୃତ୍ୟର ପ୍ରାଥମିକ ଓ ମୌଳିକ ଟେକନିକଗୁଡ଼ିକ ପ୍ରଥମେ ଅଭ୍ୟାସ କରିବାକୁ ପଡ଼େ । ପ୍ରଥମ ହେଲା "ଚୌକବନ୍ଧା" । ଏଥିରେ ଭୂମି ଉପରେ ପାଦ ଦୁଇଟି ଫେରସ୍ତ କରି ରଖି ଆଣ୍ଠୁ ଭଙ୍ଗି ଦେହକୁ ତଳକୁ ଓହ୍ଲାଇବାକୁ ପଡ଼େ, ଯେପରି ପାଦ ଦୁଇଟି ଏକ ବର୍ଗାକାର କ୍ଷେତ୍ର ସୃଷ୍ଟି କରିବ । ବାମହସ୍ତ କହୁଣିଠାରୁ ସମକୋଣଭାବେ ତଳକୁ ଝୁଲି ରହେ ଓ ଦକ୍ଷିଣହସ୍ତ କହୁଣିଠାରୁ ସମକୋଣ କରି ଉପରକୁ ଟେକା ରହେ । ଏଥିରେ ହସ୍ତପଦ ଇତ୍ୟାଦି ଚତୁଷ୍କୋଣ ଅବସ୍ଥାରେ ରହୁଥିବାରୁ ଏହାକୁ ଚୌକ କହନ୍ତି । ନୃତ୍ୟ-ଶିକ୍ଷାର୍ଥୀମାନଙ୍କୁ ମୟୂରଭଞ୍ଜ ଛଉ ନୃତ୍ୟର ଏହି ମୌଳିକ ଭଙ୍ଗୀକୁ ବହୁତ ଦିନ ଧରି ଅଭ୍ୟାସ କରିବାକୁ ପଡ଼େ । 'ଚୌକ' ଅଭ୍ୟାସ ହୋଇଗଲେ ଶିକ୍ଷାର୍ଥୀର ଡାହାଣ ହାତରେ ଖଣ୍ଡା ଓ ବାମ ହାତରେ ଢାଲ ଧରାଇ ଦିଆଯାଏ । ଏହି ରୂପ ଧାରଣ ହେଉ ଏହାକୁ 'ଧରଣ' କହନ୍ତି । ଧରଣରୁ ଚୌକଭଙ୍ଗୀ ପୁନଃପ୍ରଦର୍ଶିତ ହେବ ; ଅଣ୍ଟାଠାରୁ ଉପରକୁ ଅର୍ଦ୍ଧେ ନଡ଼ନଡ଼ କରି କ୍ରମେ ପଦ-ସଞ୍ଚାଳନା ଅଭ୍ୟାସ କରିବାକୁ ହୁଏ । 'ଚୌକ' ଓ 'ଧରଣ'ରେ ଦକ୍ଷତା ଆସି-ଗଲେ ନୃତ୍ୟକାରୀକୁ ଚାଲି ଭୂଲା ଘୂରା ଓ ପାଦ ପକାଇବାର ବିଭିନ୍ନ ଭଙ୍ଗୀ ଶିଖା ଦିଆଯାଏ । ଛଉ ନୃତ୍ୟରେ ପ୍ରତ୍ୟେକ ଅଭିନୟ ବେଳେ ଚାଲି ଭୂଲା ଘୂରା ନର୍ତ୍ତକକୁ ସେହି ଭଙ୍ଗୀକୁ ପ୍ରଦର୍ଶନ କରିବାକୁ ପଡ଼େ ।

ବିଭିନ୍ନ ଭଙ୍ଗୀରେ ପାଦ ପକାଇବା ଓ ଗତି କରିବାର ଶୈଳୀକୁ 'ଟପକା' କୁହାଯାଏ । ଟପକା ପ୍ରାୟ ଛଅ ପ୍ରକାର । ଯଥା— ସାଧା ଟପକା, ଲହଙ୍ଗ ଝମ୍ପା ଉଡ଼ା ଟପକା, ତେରଛା ଟପକା, ଡେଙ୍ଗ ଟପକା ଓ ମୁଢ଼ା ଟପକା । ପ୍ରତ୍ୟେକ ନୂତନ ନୃତ୍ୟକାରୀଙ୍କୁ ଏହି ଟପକାଗୁଡ଼ିକ ଶିଖିବାକୁ ହୁଏ ।

Digitized by srujanika@gmail.com

ଚୌକ, ଧରଣ ଓ ଟଳକାରେ ଦକ୍ଷତା ଆସିଗଲେ ନୃତ୍ୟ ଶିକ୍ଷାର୍ଥୀମାନଙ୍କୁ ଛଉନୃତ୍ୟର ଉଫ୍‌ଲି ବା ଉପଲୟଗୁଡ଼ିକ ଶିକ୍ଷା ଦିଆଯାଏ । ପ୍ରତ୍ୟେକ ଉଫ୍‌ଲି ବା ଉପଲୟ କେତେଗୁଡ଼ିଏ ଅଙ୍ଗଭଙ୍ଗୀ ବା କରଣର ସମାହାରରେ ଗଠିତ ହୋଇଥାଏ । ଭରତ ମୁନି ତାଙ୍କ ନାଟ୍ୟ-ଶାସ୍ତ୍ରରେ ୧୦୮ କରଣର ଉଲ୍ଲେଖ କରିଛନ୍ତି । କେତେକ କରଣର ସମଷ୍ଟିରେ ଗୋଟିଏ 'ଅଙ୍ଗହାର' ହୁଏ । ଏହି ଅଙ୍ଗହାର ୩୨ ପ୍ରକାର ବୋଲି ନାଟ୍ୟଶାସ୍ତ୍ରକାର ଲେଖିଛନ୍ତି । ମୟୂରଭଞ୍ଜ ଛଉ ନୃତ୍ୟରେ ଅଙ୍ଗହାରକୁ 'ଉଫ୍‌ଲି ବା ଉପଲୟ' କୁହାଯାଏ ଏବଂ ଛଉ-ଓସ୍ତାଦମାନଙ୍କ ମତରେ ଏଗୁଡ଼ିକର ସଂଖ୍ୟା ହେଉଛି ଛତିଶ । କେତେଗୁଡ଼ିଏ ଉଫ୍‌ଲିର ନାମ ଏଠାରେ ଦିଆଗଲା — ଗୁଡ଼ିଉଠା, ଚଉଁଦର ଗୋଳା, ଝରକା, ଭୁଷଦିଆ, ବାହନମଞ୍ଜା, ହୁନପାବଦା, ଗାଧୁଆ, ମଠାବେଡ଼ା, ଡିଙ୍ଗାବେଡ଼ା, ଚିଡ଼ୁଆ ପିଠା, ଧାନକୁଟା, ଧାନ ପାଛୁଡ଼ା, ଅଙ୍ଗମୋଡ଼ା, କଣ୍ଟାକଟା, କଣ୍ଟାସଫା, ବଗଟଳକା, ଖଣ୍ଡାହଣା, ହାବସା, ବନ୍ଧାଚଲ, ହଣକେଉଁ ଇତ୍ୟାଦି । ଏହି ନାମଗୁଡ଼ିକରୁ ଜଣାଯିବ ଯେ ଉଫ୍‌ଲି ଗୁଡ଼ିକର ନାମ ଓଡ଼ିଶାର ପଲ୍ଲୀ ଜୀବନର ଦୈନନ୍ଦିନ ଘଟଣାରୁ ଗୃହୀତ । ଏଗୁଡ଼ିକ ଛଉନୃତ୍ୟର ମୌଳିକ ଅଳଙ୍କାର ଏବଂ ନାଟ୍ୟଶାସ୍ତ୍ରୋକ୍ତ କରଣମାନଙ୍କ ସହିତ ଏଥିରେ ବ୍ୟବହୃତ ଭଙ୍ଗୀର ଅନେକ ମେଳ ଅଛି । ଏହି ଛତିଶ ମୂଳ ଉଫ୍‌ଲି ବ୍ୟତୀତ ନୃତ୍ୟର ଆବଶ୍ୟକତାନୁଯାୟୀ ଛଉ ଓସ୍ତାଦମାନେ ଆହୁରି ଅନେକ ଅଳଙ୍କାର ମଧ୍ୟ ରଚନା କରିଅଛନ୍ତି ।

ଚୌକ, ଧରଣ, ଟଳକା ଓ କେତେକ ବିଶିଷ୍ଟ ଉଫ୍‌ଲିରେ ଦକ୍ଷତା ଆସିଗଲେ ଶିକ୍ଷାର୍ଥୀ ସାଧାରଣରେ ନୃତ୍ୟ ପ୍ରଦର୍ଶନ କରିବାକୁ ଉପଯୁକ୍ତ ବିବେଚିତ ହୋଇଥାଏ ।

ବିଷୟବସ୍ତୁ ଦୃଷ୍ଟିରୁ ଛଉନୃତ୍ୟଗୁଡ଼ିକୁ ପ୍ରଧାନତଃ ତିନିଭାଗରେ ବିଭକ୍ତ କରାଯାଇପାରେ । ଯଥା :—

Digitized by srujanika@gmail.com

(୧) ରାମାୟଣ, ମହାଭାରତ ଓ ଅନ୍ୟାନ୍ୟ ହିନ୍ଦୁ ପୁରାଣରୁ ଗୃହୀତ କଥାବସ୍ତୁ । କଥାକଳି ନୃତ୍ୟପରି ପୌରାଣିକ ବିଷୟବସ୍ତୁକୁ ଆରମ୍ଭରୁ ଶେଷଯାଏ ପ୍ରଦର୍ଶନ କରାନଯାଇ ଏକ ଏକ ବିଶେଷ ଘଟଣା ଉପରେ ପ୍ରଦର୍ଶନ କରାଯାଏ । ଗୋଟିଏ ଗୋଟିଏ ନୃତ୍ୟ ପାଇଁ ପ୍ରାୟ ୧୦ ମିନିଟରୁ ୩୦ ମିନିଟ ସମୟ ଲାଗେ ।

କିରାତାର୍ଜ୍ଜୁନ, ଡାମୁଡ଼ିଆ କୃଷ୍ଣ, ବାଲକକୃଷ୍ଣ, ଗୀତା, ନଟରାଜ, ମାୟା ଶବରୀ, ଗରୁଡ଼ବାହନ, ରାଧାକୃଷ୍ଣ, କୈଳାସଲୀଳା ଓ ହରା ଅନଙ୍ଗ ପ୍ରଭୃତି ନୃତ୍ୟ ଏହି ଶ୍ରେଣୀର ଅନ୍ତର୍ଗତ ।

(୨) ଆରଣ୍ୟ ପ୍ରକୃତି ଓ ଜୀବଜନ୍ତୁ ସମ୍ବନ୍ଧୀୟ କଥାବସ୍ତୁକୁ ନେଇ ଏ ନୃତ୍ୟ ପ୍ରଦର୍ଶନ କରାଯାଏ । ଶିକାରୀ ନୃତ୍ୟ, ମୟୂର ନୃତ୍ୟ, ପ୍ରଜାପତି ନୃତ୍ୟ, ଜାମ୍ବୁଦେବ (ଭଲ୍ଲୁକରାଜ), ଫୁଲ ଓ ଭ୍ରମର ଏବଂ କୁରଙ୍ଗ ନୃତ୍ୟ ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଗତ ।

(୩) କାଳ୍ପନିକ ବିଷୟବସ୍ତୁ ସମ୍ବଳିତ ନୃତ୍ୟ । ସର୍ପମାୟା, ଅକଲ ସଲମି, ଡାଇମଣ୍ଡ ଡ୍ରିଲ୍ ଓ ଡାର୍ଡଡାନ୍ସ ପ୍ରଭୃତି ଏହି ଶ୍ରେଣୀର ଅନ୍ତର୍ଗତ ।

ନୃତ୍ୟ ରଚନା ପାଇଁ ବିଷୟବସ୍ତୁର ଅଭାବ ନାହିଁ । ପ୍ରତିବର୍ଷ ଅନେକ ନୂଆ ନୂଆ ନୃତ୍ୟ ରଚିତ ହୋଇ ଚୈତ୍ର ପର୍ବ ସମୟରେ ପ୍ରଦର୍ଶିତ ହୁଏ । ଏହି ନୃତ୍ୟଗୁଡ଼ିକ ମଧ୍ୟରୁ କେତେକ ଏକକ, କେତେକ ଦ୍ୱୈତ ଓ ଅନ୍ୟ କେତେକ ବୃନ୍ଦ ।

ମୁକ୍ତାକାଶ ତଳେ ଖୋଲା ମଞ୍ଚ ଉପରେ ଛଉ ନୃତ୍ୟ ପରିବେଷଣ କରାଯାଏ । ଏଥିପାଇଁ ବର୍ତ୍ତୁଳାକୃତି ପ୍ରଶସ୍ତ ଏକ ଉଚ୍ଚ ମାଟିମଣ୍ଡପ ନିର୍ମିତ ହୁଏ ।

ଛଉନୃତ୍ୟରେ ଶାରୀରିକ କୁଶଳତା ପ୍ରଧାନ, ତେଣୁ ଧୂଳି ନଉଡ଼ିବା ପାଇଁ ମଣ୍ଡପକୁ ସାମାନ୍ୟ ଆର୍ଦ୍ର ରଖାଯାଏ । ମଣ୍ଡପର ଏକ ଦିଗରେ ମଖମଲ କନାରେ ନିର୍ମିତ ଏକ ଚନ୍ଦ୍ରାକୃତି ସୁନ୍ଦର ମଞ୍ଚ ତିଆରି ହୁଏ । ନୃତ୍ୟକାରମାନେ ବାଦ୍ୟ

Digitized by srujanika@gmail.com

ଧୁନର ତାଳେ ତାଳେ ବୀରତ୍ୱ ବ୍ୟଞ୍ଜକ ଭଙ୍ଗୀରେ ଏହି ସୁସଜ୍ଜିତ ମଞ୍ଚ ଉପର ନୃତ୍ୟ ମଣ୍ଡପକୁ ଅବତରଣ କରନ୍ତି । ଛଉ ନୃତ୍ୟରେ ପ୍ରଥମେ ଭୂମି ଉପରେ ପାଦ ଅଙ୍ଗୁଳ ରଖି ଧୀରେ ଧୀରେ ପାଦ ପକାଇବାକୁ ଟାଉରଡ ଓ ପ୍ରଥମେ ଗୋଇଠି ରଖି ଆସ୍ତେ ଆସ୍ତେ ପାଦ ପକାଇବାକୁ ଲଫ୍ୟଟଡ କହନ୍ତି । ଉକ୍ତ ସ୍ୱତନ୍ତ୍ର ବାଦ୍ୟ ଓ ତାଳ ସାଥିକୁ ନର୍ତ୍ତକମାନଙ୍କର ବେଶ ସୁନ୍ଦର ଢଙ୍ଗରେ ନୃତ୍ୟ ମଣ୍ଡପ ଉପରେ ଆବର୍ତ୍ତନ ଦର୍ଶକମାନଙ୍କ ମନରେ ଏକ ଅପୂର୍ବ ଉନ୍ମାଦନା ସୃଷ୍ଟି କରେ । ନୃତ୍ୟ ମଞ୍ଚଟି ସମ୍ପୂର୍ଣ୍ଣ ଭାବେ ଆଲୋକିତ ହୁଏ । ମଣ୍ଡପର ଗୋଟିଏ ପାଖକୁ ଲାଗି ବାଦ୍ୟକାରମାନଙ୍କ ପାଇଁ ସ୍ଥାନ ନିର୍ଦ୍ଦିଷ୍ଟ ଥାଏ ଏବଂ ମଣ୍ଡପର ତିନି ପଟକୁ ଘେରି ଦର୍ଶକମାନେ ବସନ୍ତି । ତିନିପଟେ ଦର୍ଶକ ଥିବାରୁ ନୃତ୍ୟକାରଙ୍କୁ ତିନିପଟର ଦର୍ଶକଙ୍କୁ ଲକ୍ଷ୍ୟ କରି ନୃତ୍ୟ କରିବାକୁ ପଡ଼େ ଏବଂ ନୃତ୍ୟଶିଳ୍ପ ଏହି ବ୍ୟବସ୍ଥା ଛଉନୃତ୍ୟ ଶୈଳୀକୁ ବହୁ ଭାବେ ପ୍ରଭାବିତ କରିଛି ।

ଛଉନୃତ୍ୟ ଆରମ୍ଭ ହେବା ପୂର୍ବରୁ ଧୁମସା, ଢୋଲ, ମହୁରୀ ଓ ଚଡ଼ଚଡ଼ି ପ୍ରଭୃତି ବାଦ୍ୟଯନ୍ତ୍ର ସାହାଯ୍ୟରେ 'ଯାତ୍ରାବାଦ୍ୟ'' ବାଜେ । ଏହି ବାଦ୍ୟ ନର୍ତ୍ତକ ତଥା ଦର୍ଶକମାନଙ୍କ ମଧ୍ୟରେ ଏକ ଅପୂର୍ବ ଉତ୍ସାହ ଓ ଉନ୍ମାଦନା ସୃଷ୍ଟି କରେ । ନୃତ୍ୟ ଆରମ୍ଭ ହୋଇଗଲେ ବାଦ୍ୟର ସ୍ୱର ଓ ତାଳ ବଦଳେ । ଛଉନୃତ୍ୟରେ ନୃତ୍ୟକାର ଗୀତ ଗାଏ ନାହିଁ । ଯେଉଁ ନୃତ୍ୟରେ ଗୀତ ଥାଏ, ସେ ନୃତ୍ୟରେ ଅନ୍ୟମାନେ ଗୀତ ଗାଆନ୍ତି । ଗୀତଗୁଡ଼ିକ ସାଧାରଣତଃ ଝୁମର, କହିଦର ଓ ଓଡ଼ିଶୀ ରାଗ-ରାଗିଣୀରେ ଏହି ଗୀତଗୁଡ଼ିକ ରଚିତ, କିନ୍ତୁ ପୂର୍ବେ ଛଉନୃତ୍ୟରେ ଗୀତର ବ୍ୟବହାର ନଥିଲା । ପ୍ରତି ନୃତ୍ୟ ଶେଷରେ 'ନାଟକୀ'' ବାଦ୍ୟ ବାଜେ । ଏହାର ସ୍ୱର ଓ ତାଳ ପୂର୍ଣ୍ଣ ଲୋକସଙ୍ଗୀତରୁ ଗୃହୀତ । ଏହି ଉନ୍ମାଦନା ପୂର୍ଣ୍ଣ ବାଦ୍ୟ ବାଜିବା ସଙ୍ଗେ ସଙ୍ଗେ ନୃତ୍ୟକାରମାନଙ୍କର ପାଦ ଦ୍ରୁତ ହୋଇଉଠେ ଏବଂ ବିଭିନ୍ନ ସାବଲୀଳ ଭଙ୍ଗୀରେ ନୃତ୍ୟ କରି ସେମାନେ ଏକ ଅପୂର୍ବ ଚିତ୍ତାକର୍ଷକ ପରିବେଶ ସୃଷ୍ଟି କରନ୍ତି । ନୃତ୍ୟ ଶେଷରେ ଦର୍ଶକ ଅଡ଼କୁ ମୁହଁକରି ପଛେଇ ପଛେଇ ନର୍ତ୍ତକମାନେ ନୃତ୍ୟ ମଣ୍ଡପରୁ ବାହାରି ଯାଆନ୍ତି ।

Digitized by srujanika@gmail.com

ନର୍ତ୍ତକମାନେ ଛଉନୃତ୍ୟରେ ଫୁଲଖଡ଼ି ଓ କାଇମାଟିରେ ମୁଖ ଓ ଦେହ ରଙ୍ଗ କରିବାରେ ବ୍ୟବହୃତ କରନ୍ତି । ଆଧୁନିକ ରୂପସଜ୍ଜା, ଅଙ୍ଗରାଗର ପ୍ରଚଳନ ହେଲଣି । ଛଉନୃତ୍ୟରେ ବିଭିନ୍ନ ଚରିତ୍ର ଉପଯୋଗୀ ପୋଷାକ ପତ୍ର ଖାଣ୍ଟି ଦେଶୀୟ ଢଙ୍ଗରେ ତିଆରି । କାଳ୍ପନିକ ବିଷୟବସ୍ତୁ ସମ୍ବଳିତ ନୃତ୍ୟ ଗୁଡ଼ିକର ବେଶଭୂଷା ମଧ୍ୟ ମାର୍ଜିତ ଓ ଉନ୍ନତ ରୁଚିସମ୍ପନ୍ନ । ଛଉନୃତ୍ୟର ପୋଷାକ ପତ୍ର ସାଧାରଣତଃ ମୂଲ୍ୟବାନ ଭେଲଭେଟରେ ତିଆରି ଓ ସେଥିରେ ସୁନେଲି ଓ ରୁପେଲି ଜରିର କାରୁକାର୍ଯ୍ୟ ହୋଇଥାଏ । ନୃତ୍ୟ ସମୟରେ ଉଜ୍ଜ୍ୱଳ ଆଲୋକରେ ଝକ୍‌ଝକ୍ କରି ଏହି ପୋଷାକଗୁଡ଼ିକ ନୃତ୍ୟର ସୌନ୍ଦର୍ଯ୍ୟ ଓ ମର୍ଯ୍ୟାଦା ବୃଦ୍ଧି କରେ ।

ଏବେ ଛଉନୃତ୍ୟ ଭାରତର ଏକ ପ୍ରିୟ ନୃତ୍ୟ ଭାବେ ପ୍ରସିଦ୍ଧି ଲାଭ କରିଛି । ଭାରତର ବିଭିନ୍ନ ସ୍ଥାନରେ ଛଉନୃତ୍ୟ କରିବା ସଙ୍ଗେ ସଙ୍ଗେ ବିଦେଶରେ ମଧ୍ୟ ଛଉନୃତ୍ୟ ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇଛି । ସେଥିପାଇଁ ମୟୂରଭଞ୍ଜ ଗର୍ବ କରେ । ଛଉନୃତ୍ୟର ପ୍ରସାର ପାଇଁ ବିଭିନ୍ନ ସ୍ଥାନରେ ଛଉନୃତ୍ୟ ଶିକ୍ଷାକେନ୍ଦ୍ରମାନ ଖୋଲିଗଲାଣି । ଛଉନୃତ୍ୟ ଶିକ୍ଷା କରିବା ପାଇଁ ଭାରତ ତଥା ବିଦେଶରୁ ଶିକ୍ଷାର୍ଥୀମାନେ ଆସୁଛନ୍ତି ।

ମୟୂରଭଞ୍ଜର ଜାତୀୟ ପର୍ବପର୍ବାଣୀ

ମକର ସଂକ୍ରାନ୍ତି : ମକର ସଂକ୍ରାନ୍ତି ଓଡ଼ିଶାର ପବିତ୍ର ଓ ପର୍ବପର୍ବାଣି ମଧ୍ୟରୁ ଏକ ଉଲ୍ଲେଖଯୋଗ୍ୟ ପର୍ବ । ଏହି ପର୍ବ ଭାରତର ପ୍ରାୟ ସବୁ ପ୍ରଦେଶର ଲୋକେ ପାଳନ କରିଥାନ୍ତି । କିନ୍ତୁ ମୟୂରଭଞ୍ଜରେ ଏହି ପର୍ବକୁ ଏକ ଜାତୀୟ ପର୍ବ ରୂପେ ପାଳନ କରାଯାଏ । କାରଣ ପଞ୍ଜିକା ଅନୁସାରେ ବୈଶାଖ ବର୍ଷର ପ୍ରଥମ ମାସ ହେଲେହେଁ ଏ ଅଞ୍ଚଳର କୃଷି ବର୍ଷର ଆରମ୍ଭ ମାଘ ମାସର ମକର ସଂକ୍ରାନ୍ତିଠାରୁ । ତେଣୁ ଏ ଅଞ୍ଚଳର ଅଧିବାସୀ ଏବଂ ମହାନ୍ତ ସମ୍ପ୍ରଦାୟ ଲୋକମାନେ ଏହାକୁ ଶ୍ରେଷ୍ଠ ସ୍ଥାନ ଦେଇଥାନ୍ତି ।

Digitized by srujanika@gmail.com

ଆମ ଭିତରୁ ଅନେକ ଥାଇ ଜାଣନ୍ତି ନାହିଁ ମକର କ'ଣ ? ଏହା କେବଳ ଆଦିବାସୀଙ୍କ ପର୍ବ ବୋଲି କେତେକ ମତ ବ୍ୟକ୍ତ କରନ୍ତି । କିନ୍ତୁ ମୟୂରଭଞ୍ଜର ସବୁଜ ବନାଞ୍ଚଳ ମଧ୍ୟରେ ପ୍ରକୃତ ଭୋଗରେ ବଞ୍ଚିଥିବା ସକଳ ଅଧିବାସୀମାନେ ଚୁମ୍ବକର ଆକର୍ଷଣକୁ ବେଖାଢର ଜଣ ମକର ପର୍ବକୁ ପ୍ରଧାନ ପର୍ବ ରୂପେ ପାଳନ କରିଆସୁଛନ୍ତି । ଏହି ସଙ୍କ୍ରାନ୍ତିଠାରୁ ସୂର୍ଯ୍ୟ ମକର ରାଶିରୁ ଉତ୍ତର ରେଖା ଆଡ଼କୁ ଗତି ଆରମ୍ଭ କରନ୍ତି । ଫଳରେ ଦିନ ବଢ଼ିବା ଆରମ୍ଭ ହୁଏ । ମକର ଆଣିଦିଏ ପରିଶ୍ରମ ଟିକିଟିଆ ଜୀବନରେ ଆନନ୍ଦର ଉତ୍ସ, ଅତୀତର ଦୁଃଖ ଭୁଲି ପରସ୍ପରଙ୍କର ଭେଦଭାବ ଭୁଲି ନୂତନ ଭାବେ ନିଜକୁ ଗଢ଼ି ତୋଳିବାକୁ ପ୍ରେରଣା ପାଆନ୍ତି ତାଙ୍କର ଅଭାବ ଜୀବନର ସଂସାରଟିକୁ ।

ଏହି ଉତ୍ସବର ପ୍ରଥମ ପର୍ବରେ 'ବାହୁଣ୍ଡ'' ପାଳନ ହୁଏ । ସାରାଦିନ ବନ୍ଧୁବା ଉଦ୍ଦେଶ୍ୟରେ ସେମାନେ ମାଛ ଓ କଙ୍କଡ଼ା ଧରନ୍ତି ଏବଂ ଏଗୁଡ଼ିକୁ ସେହିଦିନ ଖାଆନ୍ତି । ପ୍ରତ୍ୟେକ ଘରେ ସୁସ୍ୱାଦୁ ମାଂସ, ପିଠାପଣା ତିଆରି ହୁଏ । ଗାଧୋଇ ସାରି ନୂଆ ଲୁଗା ପିନ୍ଧିସାରି ସେମାନେ ଏହାକୁ ଖାଆନ୍ତି । ଏହିଦିନ ବିଭିନ୍ନ ଗ୍ରାମରେ ବିଭିନ୍ନ ଉତ୍ସବମାନ ହୋଇଥାଏ ।

ମୟୂରଭଞ୍ଜ ଜିଲ୍ଲାର ମହାନ୍ତ ସମ୍ପ୍ରଦାୟର ଝିଅମାନେ, ଅତ୍ୟାଚାରୀ କବଳରୁ ନିଜର ସତୀତ୍ୱକୁ ରକ୍ଷା କରିବାକୁ ଯାଇ ଆତ୍ମୋତ୍ସର୍ଗ କରିଥିବା ଐତିହାସିକ ନାରୀ ଟୁସୁକୁ ଦେବୀ ଭାବେ ପୂଜା କରିଆସୁଛନ୍ତି । ଇତିହାସ ସିନା ଲେଖିନି ଟୁସୁର ଜୀବନର ଉପନ୍ୟାସ । ହେଲେ ଏ ସମାଜର ମହାନ୍ତ ସମ୍ପ୍ରଦାୟ ଟୁସୁକୁ ସୀତା ଭଳି ସତୀ ଓ ଦେବୀ ଭାବେ ମାନିଆସିଛନ୍ତି । ବାସ୍ତବିକ ଏହା କମ ଗୌରବର କଥା ନୁହେଁ । 'ଟୁସୁ' ମୂର୍ତ୍ତି ପ୍ରତ୍ୟେକ ଗ୍ରାମରେ, ପ୍ରତ୍ୟେକ ପାଡ଼ାରେ ଏପରିକି ପ୍ରତ୍ୟେକ ଘରେ ମଧ୍ୟ ସ୍ଥାପିତ କରି ପୂଜା କରାଯାଏ ।

'ଟୁସୁ' ହେଉଛି କିଶୋରୀ କନ୍ୟା । ତେଣୁ ବାଳିକା, କିଶୋରୀମାନେ ଟୁସୁଙ୍କୁ ପୂଜା କରନ୍ତି । ଏ ପୂଜା ଥାଏ ସ୍ନେହର ପରିଚର୍ଯ୍ୟା । ଭୟ ବା

Digitized by srujanika@gmail.com

ଭକ୍ତର ଅର୍ଘ୍ୟ ନିବେଦନ ନୁହେଁ । ଅତ ଏବ ସେଇ କାରଣରୁ ଟୁସୁ ଗୀତରେ ଭକ୍ତର ସ୍ତବ ନାହିଁ, ସ୍ନେହ ଓ ବାତ୍ସଲ୍ୟ ଉପର ସ୍ତବ । ଏହି ଟୁସୁ ଗୀତ ମାଧ୍ୟମରେ ଟୁସୁ ଦେବୀଙ୍କୁ ଉପଜୀବ୍ୟ କରି ଗ୍ରାମ୍ୟ ଜନତା ତାର ସମସ୍ତ ହର୍ଷ ବେଦନା ଅବାଧରେ ବ୍ୟକ୍ତ କରିଥାଏ । ସଙ୍ଗୀତ ଓ ବାଦ୍ୟର ତାଳେ ତାଳେ ଗ୍ରାମ୍ୟ କଣ୍ଠୋଚ୍ଚ ସହ ଗ୍ରାମ୍ୟ ଜନତା ନିକଟସ୍ଥ ନଦୀ ବା ପୁଷ୍କରିଣୀକୁ ଟୁସୁ ଦେବୀଙ୍କୁ ବିସର୍ଜନ କରିବାକୁ ଯାଆନ୍ତି । ଗ୍ରାମବାଟ କମ୍ପି ଉଠେ ଝଙ୍କୃତ ଲହରୀରେ ।

ଏହି ପର୍ବରେ କେତେକ ନୂଆ ଖାଆନ୍ତି, ଚେନାଅନ୍ନ, ଭଦଲୀ, ଆଖୁ, କାକୁଡ଼ି ଓ ଅଣ୍ଡୁଆ ଚାଉଳ, ଗୁଡ଼, କ୍ଷୀର ଦେଇ ମକର ତିଆରି ହୁଏ । ପ୍ରବାଦ ଅଛି ମକର ଚୂଡ଼ା ଖାଇଲେ ଦେହରୁ ମଳ ଛୁଟେ । ଅର୍ଥାତ୍ ବସନ୍ତର ଆଗମନ ହୁଏ ଶୀତ ଛାଡ଼େ । ମକର ଶାନ୍ତି ଓ ମୈତ୍ରୀର ପର୍ବ । ପରସ୍ପର ପରସ୍ପରକୁ ତିଳ ଓ ଗୁଡ଼ ଦେଇ ବନ୍ଧୁତ୍ୱର ବନ୍ଧନରେ ବାନ୍ଧି ହୁଅନ୍ତି । ମକର ଦେହକୁ ଗଙ୍ଗାସ୍ନାନର ଯୋଗ । ଅର୍ଥ ଅଭାବରେ ଯାଇ ପାରୁନଥିବା ଏ ଜିଲ୍ଲାର ହଜାର ହଜାର ଆଦିବାସୀ ଲୋକମାନେ ବାହୁଣୀ ମୁର୍ଦ୍ଦାଟୋଳରେ ବୁଡ଼ ପକାଇ ତାକୁ ଗଙ୍ଗା ମନେ କରି ମୃତ ବ୍ୟକ୍ତିଙ୍କ ଅସ୍ଥି ବିସର୍ଜନ କରନ୍ତି । ମହାଭାରତରେ ପ୍ରସିଦ୍ଧ ଶମୀବୃକ୍ଷ (ପୋଡ଼ାଖିଆ) ଠାରେ ଏବଂ ଦେବୀଙ୍କ ଯୋନି ପିଠ (ଅମ୍ବିକା ମହାପୀଠ), ଦେବକୁଣ୍ଡ (ଯାତ୍ରାକୁ ପଞ୍ଚପାଣ୍ଡବ ତୀର୍ଥ ବୋଲି କୁହାଯାଏ) ଓ ଗ୍ରାମଅଞ୍ଚଳ ଦେଇ ଥିବା ସୁବର୍ଣ୍ଣରେଖା କୂଳ ନଦୀତଟରେ ମକର ମେଳା ବସେ ।

ଚଇତ ପର୍ବ : ମୟୂରଭଞ୍ଜର ଛଉନୃତ୍ୟ 'ଚଇତପର୍ବ' ନାମରେ ପରିଚିତ । ମୟୂରଭଞ୍ଜ, ସରାଇକେଲା, ସିଂହଭୂମ ଅଞ୍ଚଳରେ ଚଇତ ପର୍ବ ଏକ ପ୍ରଧାନ ବସନ୍ତ ପର୍ବ ରୂପେ ପାଳିତ ହୁଏ । ଚୈତ୍ରମାସର ଶେଷ ତେର ଦିନ ଧରି ଶିବ ଓ ଶକ୍ତିଙ୍କ ଉପାସନା ଏହି ନୃତ୍ୟ, ଗୀତ ଓ ଆମୋଦ ପ୍ରମୋଦରେ ଅତିବାହିତ କରେ ଜନତା । ଏହି ମହୋତ୍ସବରେ ଅନୁଷ୍ଠିତ ହୁଅନ୍ତି । ନବ ବସନ୍ତ ଆଗମନରେ ମୟୂରଭଞ୍ଜ ଓ ସିଂହଭୂମିର ପାର୍ବତ୍ୟାଞ୍ଚଳ ଅଦ୍ଭୁତ ବେଶ ଭୂଷା ଧାରଣ

Digitized by srujanika@gmail.com

କରେ । କୃଷକମାନେ ଶସ୍ୟ ଆହରଣ ଶେଷ କରିଥାନ୍ତି । ତେଣୁ ଆନନ୍ଦ ଉତ୍ସବ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ ଥାଏ ।

ଚୈତ୍ର ପର୍ବ ଆରମ୍ଭରେ ମୟୂରଭଞ୍ଜର ବାରିପଦାଠାରେ ଭୈରବ ଓ ଅମ୍ବିକେଇଙ୍କ ନିକଟରେ ବାଧ୍ୟବାଧକ ଭାବେ ପୂଜା ଅନୁଷ୍ଠିତ ହୁଏ । "ଭକ୍ତା" ପୂଜା ଏହି ପର୍ବର ଏକ ବିଶେଷ ଅଂଶ । ଭକ୍ତାମାନେ ବ୍ରତ ପାଳନ କରି ଏହି ପୂଜାରେ ଭାଗ ନିଅନ୍ତି । ଏହି ଭକ୍ତାମାନଙ୍କ ଭିତରେ ବିଭିନ୍ନ ଜାତିର ଲୋକ ଥାଆନ୍ତି । ଏହି ସମୟରେ ଓଡ଼ିଶାର ବିଭିନ୍ନ ଶକ୍ତି ପୀଠରେ 'ପାଟୁଆ'ମାନଙ୍କର ବ୍ରତ ପାଳନ ଓ ନାଚ ବିଷୟ ଉଲ୍ଲେଖ କରାଯାଇପାରେ । ଚଇତ ପର୍ବ ନାଚ ବା ଛଉ ନୃତ୍ୟ' ଆରମ୍ଭ ପୂର୍ବରୁ ମୟୂରଭଞ୍ଜର ନୃତ୍ୟକାରମାନେ ଭୈରବ ଓ ଅମ୍ବିକାଙ୍କ ନିକଟରେ ପୂଜାର୍ଚ୍ଚନା ଶେଷ କରି ନୃତ୍ୟମଞ୍ଚକୁ ଯାଆନ୍ତି । ତିନିଦିନ ଧରି ନୃତ୍ୟମଞ୍ଚରେ ଛଉ ନୃତ୍ୟ ଅନୁଷ୍ଠିତ ହୁଏ । ପ୍ରତିଯୋଗିତା ଦ୍ୱାରା ଛଉ-ନୃତ୍ୟର ଉନ୍ନତି ସାଧନ ନିମିତ୍ତ ମୟୂରଭଞ୍ଜ ଛଉଦଳକୁ ଉତ୍ତରସାହି ଓ ଦକ୍ଷିଣ-ସାହି ଏହି ଦୁଇ ଦଳରେ ବିଭକ୍ତ କରାହୋଇଛି । ନୃତ୍ୟ ଆରମ୍ଭ ହେବା ପୂର୍ବରୁ ଧୁମ୍ସା, ଢୋଲ ଓ ମହୁରୀରେ ଯେତେବେଳେ ରଣବାଦ୍ୟ ବାଜିଉଠି ସନ୍ଧ୍ୟାକାଶକୁ ମୁଖରିତ କରେ ନର୍ତ୍ତକ ତଥା ଜନସାଧାରଣଙ୍କ ପ୍ରାଣରେ ଅପୂର୍ବ ଉନ୍ମାଦନା ସଞ୍ଚାର ହୁଏ । ଆବାଳ ବୃଦ୍ଧ ବନିତା ହଜାର୍ ହଜାର୍ ସଂଖ୍ୟାରେ ଆସି ନୃତ୍ୟମଞ୍ଚର ଚାରିପଟେ ଘେରି ରହନ୍ତି । ନୃତ୍ୟ ଆରମ୍ଭ ହେଲେ ସ୍ୱର ବଦଳେ । ସ୍ୱତନ୍ତ୍ର ଭାବେ ନିର୍ମିତ ନୃତ୍ୟ ମଞ୍ଚରେ ହୁଏ । ସାରା ରାତି ଉଜାଗର ରହି ବିରାଟ ଜନତା ନିର୍ନିମେଷ ନୟନରେ ନିଜର ଜାତୀୟ ନୃତ୍ୟ ଦେଖି ମୁଗ୍ଧ ହୁଏ ।

Digitized by srujanika@gmail.com

ମୟୂରଭଞ୍ଜ ଓ ଓଡ଼ିଆ ସାହିତ୍ୟ

ମୟୂରଭଞ୍ଜର ସାହିତ୍ୟିକ ଐତିହ୍ୟ ଅତି ଉନ୍ନତ । ବୌଦ୍ଧ ଧର୍ମର ଶୂନ୍ୟ ପିଠରୁ ଜଣାଯାଏ— ଷଷ୍ଠ ଓ ସପ୍ତ ସମ୍ପ୍ରଦାୟ ଯେଉଁ ନାସ୍ତିକବାଦ (Nihilism) ଏବଂ ଅକର୍ମବାଦ (Nonaction) ପ୍ରଚାର କରୁଥିଲେ ସେମାନେ ଥିଲେ ଏ ଅଞ୍ଚଳର ବାସିନ୍ଦା । ପ୍ରତ୍ନତାତ୍ତ୍ୱିକ ଗବେଷଣାରୁ ବୌଦ୍ଧ ଏବଂ ଜୈନ ଧର୍ମର ଯେଉଁ ସବୁ ଅବଶେଷ ଏ ଅଞ୍ଚଳରୁ ପ୍ରାପ୍ତ ହୋଇଛି, ତାହା ପ୍ରମାଣ କରିଦିଏ ଯେ ପ୍ରାକୃତ ଏବଂ ପାଲି ସାହିତ୍ୟକୁ ଏ ଅଞ୍ଚଳର ଦାନ ଅନେକ । ଖିଚିଂରୁ ପ୍ରାପ୍ତ ବିଭିନ୍ନ ଉପାଦାନ ତା'ର ପ୍ରକୃଷ୍ଟ ପ୍ରମାଣ ।

ଓଡ଼ିଆ ସାହିତ୍ୟକୁ ମୟୂରଭଞ୍ଜର ଦାନ ଆରମ୍ଭ ହେଲା ଭଞ୍ଜ ବଂଶର ରାଜଧାନୀ ବାରିପଦାରେ ପ୍ରତିଷ୍ଠା ହେବା ପରେ । ରାଜବଂଶର ପୃଷ୍ଠପୋଷକତା ଆଦି ଓଡ଼ିଆ ସାହିତ୍ୟକୁ ଦ୍ରୁତ ଆଗେଇ ନେବାକୁ ସହାୟତା କରିଛି ।

ଭଞ୍ଜ ନୃପମାନେ ଯେ କେବଳ ସାହିତ୍ୟିକ ଓ କଳାକାରମାନଙ୍କୁ ପୃଷ୍ଠପୋଷକତା କରୁଥିଲେ ତାହା ନୁହେଁ । ସେମାନଙ୍କ ଭିତରୁ କେତେକ ନିଜର ସୃଷ୍ଟି ସମ୍ଭାରରେ ବି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ମହାରାଜା ରଘୁନାଥ ଭଞ୍ଜ (୧୭୨୮ — ୫୦) "ରସ ଲହରୀ" ନାମକ ଏକ ଉନ୍ନତମାନର କାବ୍ୟ ରଚନା କରିଥିଲେ । ଏହି ବଂଶର ରାଜାମାନଙ୍କ ପୃଷ୍ଠପୋଷକତାରେ " ମୁଗ୍ଧବୋଧ ଅଭିଧାନ " ସଙ୍କଳିତ ହୋଇଥିଲା । ଯାହାକି ଏବେବି ଅବସ୍ଥରେ ଓଡ଼ିଆ ଭାଷା ସାହିତ୍ୟକୁ ନାନା ଭାବରେ ସାହାଯ୍ୟ ଯୋଗାଉଛି । ତେବେ ଏହା କେଉଁ ରାଜାଙ୍କଦ୍ୱାରା ସଙ୍କଳିତ ସୁସ୍ପଷ୍ଟ ନୁହେଁ ।

ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜ (୧୮୬୭-୮୨) ଶିକ୍ଷାର ବିସ୍ତାର ପାଇଁ ସ୍କୁଲ ସ୍ଥାପନରେ ମନୋନିବେଶ କରିଥିଲେ । ବହୁ ବିଦ୍ୱାନ ଓ ପଣ୍ଡିତଙ୍କଦ୍ୱାରା ସେ ପାଠ୍ୟପୁସ୍ତକ ଲେଖାଇଥିଲେ । ତାହା ମଧ୍ୟ ଓଡ଼ିଆ ସାହିତ୍ୟର ଉନ୍ନତି ପାଇଁ

Digitized by srujanika@gmail.com

ଏକ ଅବଦାନ । ତାଙ୍କ ଉଦ୍ୟମରେ ଗୋଟିଏ ଛାପାଖାନା ମଧ୍ୟ ସ୍ଥାପିତ ହୋଇଥିଲା ଓ "ମୟୂରଭଞ୍ଜ ପାକ୍ଷିକ ପତ୍ରିକା" ନାମକ ପତ୍ରିକା ୧୮୭୮ରେ ପ୍ରକାଶନ କରାଯାଇଥିଲା । ଏହା ସରଳ ଓଡ଼ିଆ ଭାଷାରେ ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳର ଘଟଣା ଉପରେ ଆଧାରିତ ଥିଲା । ଏହାକୁ ସମ୍ପାଦନା କରୁଥିଲେ ହରପ୍ରସାଦ ଦାସ ।

ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ କ୍ଷମତାକୁ ଆସିବା ପରେ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ତାଙ୍କ ପୃଷ୍ଠପୋଷକତା ଲାଭ କରି ସମୃଦ୍ଧ ହେବାକୁ ଲାଗିଲା । କବି ରାଧାନାଥ ଲେଖିଥିଲେ —

ଆଶାସ୍ଥଳୀ ଉତ୍କଳର ଆଶା କିଶୋର ପାଦପ
ଗୁଣୀରାମ ରାମଚନ୍ଦ୍ର ଭଞ୍ଜକଞ୍ଜ କବି
ଭଞ୍ଜକୁଳ-ଧ୍ୱଜା କୃଷ୍ଣଚନ୍ଦ୍ର ଜ୍ୟୋତିସ୍ମାନ
ଶୁଣିଲି ମୁଁ ବନ୍ଧୁମୁଖୀ ଜନଶ୍ରୁତି ମୁଖେ ।

କେବଳ ରାଧାନାଥ କାହିଁକି ଫକୀର ମୋହନ, ଗଙ୍ଗାଧର ଆଦି ତାଙ୍କ ପ୍ରଶଂସାରେ ଶତମୁଖ ହୋଇପଡ଼ିଥିଲେ ।

ରାମଚନ୍ଦ୍ର ଭଞ୍ଜ ପିତାଙ୍କ ଦ୍ୱାରା ପ୍ରତିଷ୍ଠିତ ପ୍ରେସକୁ ପୁନର୍ଗଠନ କରି ୧୮୯୧ରୁ ପ୍ରକାଶିତ ମାସିକ ପତ୍ରିକା 'ଉତ୍କଳପ୍ରଭା''ର ଉନ୍ନତି ବିଧାନ କରେ । ଏହାପରେ ୧୯୦୫ ଅକ୍ଟୋବରଠାରୁ "ମନୋରମା" ନାମକ ଏକ ପତ୍ରିକା "ବି ଦେ ପ୍ରିଣ୍ଟିଂ କୋମ୍ପାନୀ" ନାମକ ଏକ ଘରୋଇ ପ୍ରେସରୁ ମୁଦ୍ରଣ କରିଥିଲା । ୧୯୩୧-୩୨ରେ "ମୟୂରଭଞ୍ଜ ଗେଜେଟ' (ଇଂରାଜୀ ଓ ଓଡ଼ିଆ) ମହାରାଜା ପ୍ରତାପ ଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ପ୍ରକାଶ ପାଇଥିଲା । ୧୯୩୫ରେ 'ଭଞ୍ଜ ପ୍ରଦୀପ' ୧୯୩୫ରେ 'ମୟୂରଭଞ୍ଜ କ୍ରୋନିକଲ' (ଇଂରାଜୀ), ୧୯୪୩ରେ "ମୟୂରଭଞ୍ଜ ଇନଫରମେସନ ବୁଲେଟିନ" ପ୍ରକାଶ ପାଇଥିଲା । ୧୯୫୦ରେ ହରେକୃଷ୍ଣ ଦାସଙ୍କ "ଓଡ଼ିଶା ଗଡ଼ଜାତ ଡାଇରି", ୧୯୬୩ରେ ରଘୁନାଥ ମିଶ୍ରଙ୍କ

Digitized by srujanika@gmail.com

"ମୟୂରଭଞ୍ଜ ଜାଗରଣ" (ସାପ୍ତାହିକ), ୧୯୪୯ରେ ପ୍ରଫୁଲ୍ଲ ଚୌଧୁରୀଙ୍କ "ଆଜାଦୀ", ୧୯୫୧-୫୨ରେ ମହେଶ୍ୱର ମହାପାତ୍ରଙ୍କ "ଚନ୍ଦ୍ରିକା", ୧୯୬୪ରେ "ହିନ୍ଦ" (ହିନ୍ଦୀ) ରାଇରଙ୍ଗପୁରଠାରୁ ପ୍ରକାଶ ପାଇଥିଲା । ଏହାଛଡ଼ା ଅଜୟ ଦାଶଙ୍କ "ସାପ୍ତାହିକ ରବିବାର", ପୂର୍ଣ୍ଣଚନ୍ଦ୍ର ବନାଣୀଙ୍କ "ରଜା", ସନ୍ତୋଷ ମହାନ୍ତିଙ୍କ "ଲକ୍ଷ", ଦିଲ୍ଲୀପ ପଣ୍ଡିତଙ୍କ "ମରୁକୁସୁମ", କାହ୍ନୁଚରଣ ଦାସ ପଟ୍ଟନାୟକଙ୍କ "ଦୀପକ" ଅସିତ କବିଙ୍କ 'ଲେଖା', ବିଜୟ ଦାଶଙ୍କ 'ବିମ୍ବ', ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ 'ମୟୂରଭଞ୍ଜ ସମାଚାର", ତ୍ରିଲୋଚନ ଈଶ୍ୱର କବାଟଙ୍କ "ବାରିପଦା ଗେଜେଟ", ହରିନାରାୟଣଙ୍କ "ସ୍ୱରଚିତ୍ରମି", ଗୋପାଳ ମହାନ୍ତିଙ୍କ "ଭଣ୍ଡାଫୁଲ", ଶଶିଭୂଷଣ ଦାଶଙ୍କ "ଭକ୍ତପ୍ରଭା", ମାନସ ପଣ୍ଡାଙ୍କ 'ବୈତରଣୀ' ସମସ୍ତ କ୍ରମେ ପ୍ରକାଶ ପାଇଅଛି ।

୧୯୦୪ରେ ବାରିପଦାର ମାନଗଣ୍ୟ ଲେଖକ କ୍ଷୀରୋଦ ଚନ୍ଦ୍ର ପାଲ "କଚଟତପ" ନାମକ ପଦ୍ଧତିଏ ଲେଖି ପ୍ରକାଶ କରିଥିଲେ । ଉକ୍ତ ପୁସ୍ତକଟିକୁ ପଢ଼ି ସେତେବେଳର କଲିକତା ବିଶ୍ୱବିଦ୍ୟାଳୟର ବିଖ୍ୟାତ ପ୍ରଫେସର ପଣ୍ଡିତ ଶ୍ରୀଯୁକ୍ତ ବିନାୟକ ମିଶ୍ର ମତ ଦେଇଥିଲେ ଯେ, "ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟରେ ଅକ୍ଷର କ୍ରମରେ "କଚଟତପ" ପ୍ରଥମ ରଚନା ।

ସାହିତ୍ୟିକ ଅନୁଷ୍ଠାନ ହିସାବରେ "ବାରିପଦା ସାହିତ୍ୟ ସମାଜ" ୧୯୫୪ ମସିହାରେ ବହୁ ଶିକ୍ଷିତ ରାଜକର୍ମଚାରୀଙ୍କ ଦ୍ୱାରା ଗଠିତ କରାଯାଇଥିଲା ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟର ସିନେଟକୁ ଜଣେ ସଭ୍ୟ ପଠାଇବାର ସୁଯୋଗ ମଧ୍ୟ ପାଇଥିଲା ।

Digitized by srujanika@gmail.com

ମୟୂରଭଞ୍ଜରେ ପ୍ରଥମ

ପ୍ରଥମ ଥାନା — ଦରବାର ଅମଳରେ ପାଇକମାନେ ସୈନ୍ୟ ବାହିନୀ, ପୋଲିସ ଇତ୍ୟାଦିର କାମ କରୁଥିଲେ । ନଅ-ଅଙ୍କ ଦୁର୍ଭିକ୍ଷ ସମୟରେ (୧୮୬୬) ଆଦିବାସୀ ବିଦ୍ରୋହ ଦମନ କରିବା ପାଇଁ ପ୍ରଥମ ଥର ପାଇଁ ବ୍ରିଟିଶ ପୋଲିସର ସହାୟତା ନେବାକୁ ପଡିଥିଲା । ସେହି ସମୟରେ ମୟୂରଭଞ୍ଜର ପ୍ରଥମ ଥାନା "ବଣକାଟି" ନାମରେ ସ୍ଥାପନ କରାଯାଇ ଥିଲା ।

ଅଗ୍ନିଶମ ବିଭାଗ — ମୟୂରଭଞ୍ଜରେ ପ୍ରଥମ ଅଗ୍ନିଶମ ବିଭାଗ ୧୯୫୭ ମସିହା ମାର୍ଚ୍ଚ ୨୩ ତାରିଖ ବାରିପଦାଠାରେ ପ୍ରତିଷ୍ଠିତ ହୋଇଥିଲା ।

ରେଳ ପୋଲିସ ବିଭାଗ — ରୂପସାରୁ ତାଳବନ୍ଧ ରେଳ ଲାଇନର ସୁରକ୍ଷା ପଥ ସୁଯୋଗ ରହିବା ପାଇଁ ସରକାରୀ ରେଳ ପୋଲିସ ବିଭାଗ ବାଲେଶ୍ୱର ଅଧୀନରେ ପ୍ରଥମକରି ବାରିପଦାଠାରେ ଏକ ଆଉଟପୋଷ୍ଟ ଖୋଲାଯାଇଥିଲା । ଏହା ୧୯୫୮ ମସିହା ଏପ୍ରିଲ ୧୦ ତାରିଖରେ ଖୋଲାଯାଇଥିଲା ।

ଜେଲ — ୨୮୮୫ ମସିହାରେ ବାରିପଦାଠାରେ ପ୍ରଥମ ଜେଲ ବାରିପଦାର କେନ୍ଦ୍ରସ୍ଥଳୀରେ ଖୋଲାଯାଇଥିଲା । ଯାହାକି ବର୍ତ୍ତମାନର "ନୂତନ ମାର୍କେଟ" । ଏହି ଜେଲକୁ ପରେ ସହରର ଭଞ୍ଜପୁର ସୀମାକୁ ୧୯୦୮ ମସିହାରେ ଉଠାଇ ନିଆଗଲା ।

ବାର ଏସୋସିଏସନ୍ — ମୟୂରଭଞ୍ଜ ବାର ଏସୋସିଏସନ୍ ୧୯୨୭ ମସିହାରେ ବାରିପଦାଠାରେ ଆରମ୍ଭ କରାଯାଇଥିଲା ।

ମୟୂରଭଞ୍ଜ ହାଇକୋର୍ଟ — ମୟୂରଭଞ୍ଜ ହାଇକୋର୍ଟ ମହାରାଜାଙ୍କ ଆଦେଶ, ତାରିଖ ୧୦ ଏପ୍ରିଲ ୧୯୩୩ରେ ପ୍ରତିଷ୍ଠିତ ହୋଇଥିଲା । ଏହାର ମୁଖ୍ୟ ବିଚାରପତି ହିସାବରେ ମୟୂରଭଞ୍ଜର ଦେୱାନ କାର୍ଯ୍ୟ କରୁଥିଲେ ।

Digitized by srujanika@gmail.com

ବ୍ୟାଙ୍କ ପ୍ରଥା—ମୟୂରଭଞ୍ଜରେ ବ୍ୟାଙ୍କ ପ୍ରଥା ୧୯୦୮ ମସିହାରେ ଆରମ୍ଭ ହୋଇଥିଲା "ମୟୂରଭଞ୍ଜ ଷ୍ଟେଟ ବ୍ୟାଙ୍କ" ନାମରେ । ୧୯୪୯ ମସିହାରେ ଏହା ରାଜ୍ୟ ସରକାରଙ୍କ ଅଧୀନରେ ଏକ ବ୍ୟାଙ୍କ ଭାବେ କାର୍ଯ୍ୟ କଲା । ମାତ୍ର ଏହା ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ସହିତ ୧୯୬୧ ମସିହାରେ ମିଶିଗଲା ।

ପୋଷାକ କାରଖାନା—ଓଡ଼ିଶାର ପ୍ରଥମ ପୋଷାକ କାରଖାନା ହିସାବରେ "ମୟୂରଭଞ୍ଜ ଟେକସଟାଇଲ" ୧୯୪୩ ମସିହାରୁ ଉତ୍ପାଦନ କରି ଆସୁଅଛି ।

ମୁଦ୍ରଣ ଯନ୍ତ୍ର—ମୟୂରଭଞ୍ଜର ପ୍ରଥମ ମୁଦ୍ରଣ ଯନ୍ତ୍ର ମହାରାଜା କୃଷ୍ଣଚନ୍ଦ୍ରଙ୍କ ସମୟରେ ସ୍ଥାପିତ ହୋଇଥିଲା । ଯାହା ପରେ ମହାରାଜା ଶ୍ରୀରାମଚନ୍ଦ୍ର ଏକ ସୁନ୍ଦର ଷ୍ଟେଟ ପ୍ରେସ ବାରିପଦାଠାରେ ଆରମ୍ଭ କରିଥିଲେ । ଓଡ଼ିଶା ସହିତ ମୟୂରଭଞ୍ଜର ମିଶ୍ରଣ ପରେ ଉକ୍ତ ପ୍ରେସକୁ "ଉତ୍କଳ ବିଶ୍ୱବିଦ୍ୟାଳୟ"କୁ ଦାନ କରାଯାଇଥିଲା ।

ମଟରଗାଡ଼ି—ମୟୂରଭଞ୍ଜରେ ପ୍ରଥମ ମଟରଗାଡ଼ି ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ଶାସନ କାଳରେ ୧୯୧୦-୧୯୧୨ ମଧ୍ୟରେ ଚଳାଚଳ ହେଉଥିଲା । ୧୯୨୯ରେ ପ୍ରଥମ କରି ମୟୂରଭଞ୍ଜରେ ଦୁଇଟି ବସ ରୁଟ ଖୋଲିଲା । ଗୋଟିଏ ରୁଟ୍ ହେଲା ବାଙ୍ଗିରିପୋଷୀରୁ ରାଇରଙ୍ଗପୁର । ଅନ୍ୟଟି ରାଇରଙ୍ଗପୁର ଭରଣ୍ଡିଆ ଲୋକଙ୍କୁ ବାଙ୍ଗିରିପୋଷୀ ରେଳଲାଇନ ଧରିବା ପାଇଁ ଚାଲୁ ହେଲା ।

ମ୍ୟୁନିସପାଲିଟି—୧୯୦୫ ମସିହାରେ ବାରିପଦାରେ ପ୍ରଥମ ମ୍ୟୁନିସପାଲିଟି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଙ୍କ ସମୟରେ ଗଠିତ ହୋଇଥିଲା ।

ପାଠାଗାର—ମୟୂରଭଞ୍ଜର ପ୍ରଥମ ପାଠାଗାର ଶ୍ରୀରାମଚନ୍ଦ୍ର ପାଠାଗାର ୧୮୯୯ ମସିହାରେ 'ଡ୍ୟୁକ୍ ଲାଇବ୍ରେରୀ" ନାମରେ ପ୍ରତିଷ୍ଠିତ ହୋଇଥିଲା ।

Digitized by srujanika@gmail.com

ସଗ୍ରହାଳୟ—ମୟୂରଭଞ୍ଜର ପ୍ରଥମ ସଗ୍ରହାଳୟ "ଖିଚିଂ ମ୍ୟୁଜିୟମ" ୧୯୨୨ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ପରେ ୧୯୬୩ରେ ଆଉ ଏକ ମ୍ୟୁଜିୟମ ବାରିପଦାଠାରେ ପ୍ରତିଷ୍ଠିତ ହୋଇଥିଲା ।

ଇଂରାଜୀ ଶିକ୍ଷା – ମୟୂରଭଞ୍ଜରେ "ଇଂରାଜୀ ଶିକ୍ଷା" ପ୍ରଥମ କରି ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ସମୟରେ ଆରମ୍ଭ କରାଯାଇଥିଲା ।

ସ୍ତ୍ରୀ ଶିକ୍ଷା—ପ୍ରଥମ କରି ମୟୂରଭଞ୍ଜରେ ୧୮୬୨ରେ ସ୍ତ୍ରୀଶିକ୍ଷା ପ୍ରଚଳିତ ହୋଇଥିଲା ।

ପାନୀୟ ଜଳ ଓ ବିଦ୍ୟୁତ୍—ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଙ୍କ ସମୟରେ ପ୍ରଥମକରି ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଇବା ବନ୍ଦୋବସ୍ତ କରାଯାଇଥିଲା ।

●

ଭାରତୀୟ ମୁକ୍ତି ସଂଗ୍ରାମ ଓ ମୟୂରଭଞ୍ଜ

ଇତିହାସର ବିପର୍ଯ୍ୟୟରେ ପୁଣ୍ୟଭୂମି ଏହି ଭାରତ ବର୍ଷ ଅନେକ ବିଭିନ୍ନ ବୈଦେଶିକ ଶକ୍ତିଙ୍କଦ୍ୱାରା ଶାସିତ ହୋଇଥିଲା । ତନ୍ମଧ୍ୟରୁ ଇଂରେଜମାନଙ୍କ ଶାସନକାଳ ଥିଲା ସର୍ବାଧିକ । ଅଥଚ ଏହି ଶାସନ ବିରୁଦ୍ଧରେ ଯେଉଁ ବିପ୍ଳବ ସୃଷ୍ଟି ହୋଇଥିଲା, ତାହା ଏତେ ଦିନର ସୁଦୃଢ଼ ଶାସନକୁ ମଧ୍ୟ ଛିନ୍ନ ଭିନ୍ନ କରିଦେବାରେ ସକ୍ଷମ ହୋଇପାରିଥିଲା । ଆଉ ଏହି ବିପ୍ଳବର ଉଦ୍ୟମ ରୂପେ ହୋଇଥିଲା ଭାରତୀୟ ପ୍ରଥମ ମୁକ୍ତି ସଂଗ୍ରାମ ବା ଇଂରେଜମାନଙ୍କ ଭାଷାରେ ସିପାହୀ ବିଦ୍ରୋହ (Sipoi Mutiny) । ସିପାହୀ ବିଦ୍ରୋହ ପରେ ପରେ ଜାତୀୟ କଂଗ୍ରେସ ଗଠିତ ହେଲା । ଭାରତୀୟ ଜନତାର ଆଶା ଆକାଂକ୍ଷାର ପୂରଣ ଲାଗି । ତା'ପରର ସଂଗ୍ରାମ ସର୍ବଜନ ବିଦିତ ।

ଏହି ପରିପ୍ରେକ୍ଷୀରେ ପ୍ରଶ୍ନ ଆସେ ଏହି ସଂଗ୍ରାମରେ ମୟୂରଭଞ୍ଜର କିଛି ଭୂମିକା ଥିଲା ନା ନାହିଁ । ସେତେବେଳର ପରିସ୍ଥିତି ଅନୁଧ୍ୟାନ କଲେ ଜଣାଯାଏ

Digitized by srujanika@gmail.com

ଭାରତର ଅନ୍ୟାନ୍ୟ ଦେଶୀୟ ରାଜ୍ୟମାନଙ୍କ ପରି ମୟୂରଭଞ୍ଜ ଏକ ଗଡ଼ଜାତ ଥିଲା । ଅବଶ୍ୟ ମୟୂରଭଞ୍ଜ ମଧ୍ୟ ୧୮୦୩ ମସିହାରେ ମହାରାଣୀ ସୁମିତ୍ରା ଦେବୀଙ୍କ ସମୟରେ ଇଂରେଜ ଶାସନାଧୀନ ହୋଇଥିଲା । ତଥାପି ପ୍ରଜାମାନଙ୍କୁ ପ୍ରତ୍ୟକ୍ଷ ଭାବରେ ଶାସନ କରୁଥିଲେ ରାଜା ମହାରାଜାମାନେ । ଇଂରେଜମାନଙ୍କ ଭୂମିକା ଅତି ନଗଣ୍ୟ ଥିଲା । ମୟୂରଭଞ୍ଜର ଏହି ରାଜା ମହାରାଜାମାନଙ୍କ ମଧ୍ୟରୁ କେତେକ ରାଜା ଥିଲେ ଅତ୍ୟାଚାରୀ । ଅଥଚ ମୟୂରଭଞ୍ଜର ଅଧିକାଂଶ ମହାରାଜା ସେମାନଙ୍କ ସୁଶାସନ ପାଇଁ ଆଜିବି ପ୍ରାତଃସ୍ମରଣୀୟ । ସେତେବେଳର ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ମୟୂରଭଞ୍ଜ ଅଧିକ ଉନ୍ନତ ଥିଲା । ଓଡ଼ିଶାର କଟକ ପୁରୀ ଆଦି ଅଞ୍ଚଳ ଯେତେବେଳେ ବିଜୁଳି ଆଲୁଅ କ'ଣ ଜାଣି ନଥିଲେ, ସେତେବେଳେ ମୟୂରଭଞ୍ଜରେ ବିଜୁଳି ଆଲୁଅର ପ୍ରଚଳନ କରାଯାଇଥିଲା । ବର୍ତ୍ତମାନର ନେରୋଗେଜ ରେଳ ଲାଇନ ସେତେବେଳେ ଓଡ଼ିଶାରେ ପ୍ରଥମ । ଏହି ଦୃଷ୍ଟିରୁ ଇଂରେଜମାନଙ୍କ ପ୍ରତ୍ୟକ୍ଷ ଶାସନରୁ ଅନେକ ଦୂରରେ ଥିଲେ ଆମ ମୟୂରଭଞ୍ଜ ବାସୀ । ତେଣୁ କଟକ ମଣ୍ଡଳ ସଦୃଶ ଭାରତୀୟ ଜାତୀୟ ସ୍ରୋତରେ ମୟୂରଭଞ୍ଜ ସହଜରେ ମିଶିଯାଇ ପାରିନଥିଲା ।

ତା'ବୋଲି ଯେ ଭାରତୀୟ ମୁକ୍ତି ସଂଗ୍ରାମରେ ମୟୂରଭଞ୍ଜର କୌଣସି ଭୂମିକା ନଥିଲା ତାହା ନୁହେଁ । ଏଥିପାଇଁ ମୟୂରଭଞ୍ଜର ଯେଉଁ କତିପୟ ସନ୍ତାନ ଆଦର୍ଶ ଦେଖାଇ ଯାଇଛନ୍ତି, ତାହା ଆଜିବି ଆମକୁ ଗୌରବାନ୍ୱିତ କରେ ।

ପ୍ରଥମ ବିଶ୍ୱଯୁଦ୍ଧ ସମୟରୁ ମୟୂରଭଞ୍ଜ ଏହି ସଂଗ୍ରାମ ସହିତ ସଂଶ୍ଳିଷ୍ଟ । ସେ ସମୟରେ ଯତୀନ୍ଦ୍ର ମୁଖାର୍ଜୀ (ଯିଏକି ବାଘା ଯତୀନ ନାମରେ ବିଶେଷ ଭାବରେ ପରିଚିତ) କେତେକ ସହକର୍ମୀ ଯୁବକ ଦଳଙ୍କ ସହାୟତାରେ ମୟୂରଭଞ୍ଜର କପ୍ତିପଦା ନିକଟସ୍ଥ ମହୁଲଡିହା ଜଙ୍ଗଲରେ ଲୁଚି ରହି ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ପ୍ରସ୍ତୁତ କରୁଥିଲେ । ଏହି ସମୟରେ ମନୀନ୍ଦ୍ର ନାଥ ଚକ୍ରବର୍ତ୍ତୀ ନାମକ ଜଣେ ମୟୂରଭଞ୍ଜବାସୀ ବାଘା ଯତୀନଙ୍କ ସହାୟତା କରିବା ସଙ୍ଗେ ସଙ୍ଗେ ବାଘା ଯତୀନଙ୍କୁ ତାଙ୍କ କପ୍ତିପଦା ବାସଭବନରେ ଅନେକ ଦିନ ପର୍ଯ୍ୟନ୍ତ ଲୁଚାଇ

Digitized by srujanika@gmail.com

ରହିଥିଲେ । ପରବର୍ତ୍ତୀ କାଳରେ ଏମାନଙ୍କ ଷଡ଼ଯନ୍ତ୍ର ପ୍ରକାଶ ପାଇଯିବାରୁ ସେ ଗିରଫ ହୋଇ ୧୯୨୩ ପର୍ଯ୍ୟନ୍ତ ବାରିପଦା ଜେଲରେ ଥିଲେ ଏବଂ ପରେ ୫ ବର୍ଷ ପୋଲିସର ନଜରବନ୍ଦୀ ଥିଲେ ।

ଏ ଗଲା ସଶସ୍ତ୍ର ସଂଗ୍ରାମର କଥା । ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନରେ ମଧ୍ୟ ଅନେକ ମୟୂରଭଞ୍ଜବାସୀ ଯୋଗ ଦେଇଥିଲେ । ବାଲେଶ୍ୱର ଇଞ୍ଚୁଡ଼ି ଠାରେ ହୋଇଥିବା ଇତିହାସ ପ୍ରସିଦ୍ଧ ଲବଣ ସତ୍ୟାଗ୍ରହରେ ଯୋଗ ଦେଇ କେତେକ ମୟୂରଭଞ୍ଜ ଯୁବକ ପାଟଣା ଜେଲରେ କାରାବରଣ କରିଥିଲେ । ପରବର୍ତ୍ତୀ ସମୟରେ ଏମାନେ ମୟୂରଭଞ୍ଜର ବିଭିନ୍ନ ଅଞ୍ଚଳରେ ବୁଲିବୁଲି ମହାତ୍ମାଗାନ୍ଧୀଙ୍କ ଅହିଂସା ବାର୍ତ୍ତା ଲୋକଙ୍କ ଭିତରେ ପ୍ରଚାର କରିଥିଲେ । ଏଥିପାଇଁ ସେମାନଙ୍କୁ ଅକଥନୀୟ ଅତ୍ୟାଚାର ସହ୍ୟ କରିବାକୁ ପଡ଼ିଛି, ବାରମ୍ବାର ଜେଲ ଯିବାକୁ ମଧ୍ୟ ପଡ଼ିଛି । ଏମାନଙ୍କ ମଧ୍ୟରେ ମୟୂରଭଞ୍ଜ ପ୍ରଥମ ମୁକ୍ତି ସଂଗ୍ରାମୀ ବଂଶୀଧର ବେହେରା, ଗୌରମୋହନ ପ୍ରଧାନ, ବୈକୁଣ୍ଠ ନାଥ ସଦୁଆଳ, ରାମଚନ୍ଦ୍ର ମହାପାତ୍ର, ଜଗନ୍ନାଥ କମିଲା, ଇନ୍ଦ୍ରବନ୍ଧୁ ମହାନ୍ତି, ପଞ୍ଚାନନ ରାଇସିଂହ, ପ୍ରଫୁଲ୍ଲ ଦାଶ ଆଦି ଅନ୍ୟତମ ।

ମାତ୍ର ସଙ୍ଗଠିତ ଭାବରେ ଯେଉଁ ବ୍ୟକ୍ତି ଜଣକ ମୟୂରଭଞ୍ଜରେ ସ୍ୱାଧୀନତା ସଂଗ୍ରାମକୁ ଆଗେଇ ନେଇଥିଲେ ସେ ଜଣକ ହେଉଛନ୍ତି ବାରିପଦାର ତତ୍କାଳୀନ ନାମଜାଦା ଓକିଲ ଶ୍ରୀ ଶରତ ଚନ୍ଦ୍ର ଦାସ । ପରବର୍ତ୍ତୀ କାଳରେ ତାଙ୍କର କର୍ମନିଷ୍ଠା, ତ୍ୟାଗ, ସେବା ମନୋଭାବ ଦେଖି ଲୋକେ ତାଙ୍କୁ 'ମୟୂରଭଞ୍ଜ ଗାନ୍ଧୀ' ଆଖ୍ୟା ଦେଇଥିଲେ । ଉକ୍ତ ସ୍ୱାଧୀନତା ସଂଗ୍ରାମରେ ଅନେକ ମହିଳା ମଧ୍ୟ ଭାଗ ନେଇଥିଲେ । ଏମାନେ ସମସ୍ତେ ଅନେକ ସମୟରେ ଅର୍ଥ ସଂଗ୍ରହ କରି ଓଡ଼ିଶା ପ୍ରାଦେଶିକ କଂଗ୍ରେସ କମିଟିକୁ ଆର୍ଥିକ ସହଯୋଗ କରୁଥିଲେ ।

୧୯୪୨ରେ ଯେତେବେଳେ ଭାରତର କୋଣେ କୋଣେ ଭାରତ ଛାଡ଼ ଆନ୍ଦୋଳନର ଝଙ୍କାର ଉଠିଲା, ସେତେବେଳେ ମଧ୍ୟ ମୟୂରଭଞ୍ଜବାସୀ ଚୁପ

Digitized by srujanika@gmail.com

ହୋଇ ବସି ନଥିଲେ । ୧୯୪୨, ଅଗଷ୍ଟ ୭,୭,୮ ତାରିଖରେ ବମ୍ବେ ନଗରୀରେ ଗୋଖଲା ଭବନରେ ଅନୁଷ୍ଠିତ ନିଖିଳ ଭାରତ ଜାତୀୟ କଂଗ୍ରେସର ଅଧିବେଶନରେ "ଭାରତ ଛାଡ଼" ପ୍ରସ୍ତାବକୁ ସମର୍ଥନ ଜଣାଇବା ପାଇଁ ଜବାହରଲାଲ ନେହେରୁଙ୍କ ଆମନ୍ତ୍ରଣ କ୍ରମେ ମୟୂରଭଞ୍ଜରୁ ଶରତ ଚନ୍ଦ୍ର ଦାସ ଏବଂ ରାମଚନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ । ଏହି ସମୟରେ "ଭାରତ ଛାଡ଼" ପ୍ରସ୍ତାବକୁ ସମର୍ଥନ ଜଣାଇ ମୟୂରଭଞ୍ଜର ପ୍ରତି ଅଞ୍ଚଳରେ ସଭା ସମିତି ଶୋଭାଯାତ୍ରା ମାନ ଅନୁଷ୍ଠିତ ହୋଇଥାନ୍ତି ।

ପରବର୍ତ୍ତୀ ସମୟରେ ଶରତ ଚନ୍ଦ୍ର ଦାସଙ୍କ ନେତୃତ୍ୱରେ ଏକ ଦାୟିତ୍ୱ ମୂଳକ ଶାସନ ମୟୂରଭଞ୍ଜର ଉଦାରଶୀଳ ମହାରାଜା ଶ୍ରୀ ପ୍ରତାପ ଚନ୍ଦ୍ର ଭଞ୍ଜଦେଓ ଅର୍ପଣ କଲେ । ତା'ପରେ ମଧ୍ୟ ଭାରତର ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଭାରତୀୟ ଜାତୀୟ କଂଗ୍ରେସକୁ ସମର୍ଥନ ଜଣାଇ ମୟୂରଭଞ୍ଜର ନେତୃବୃନ୍ଦ ସ୍ୱାଧୀନତା ଆନ୍ଦୋଳନ ଚଳାଇ ରଖିଥିଲେ ।

ଭାରତର ମୁକ୍ତି ସଂଗ୍ରାମ ସାର୍ଥକ ହେଲା ପ୍ରତ୍ୟେକ ଅଞ୍ଚଳର ଐକାନ୍ତିକ ନିଷ୍ଠା ଓ ସହଯୋଗ ହେତୁ । ଏହି ହେତୁ ମୟୂରଭଞ୍ଜବାସୀଙ୍କ ଅବଦାନ କିଛି କମ ନୁହେଁ ।



ମୟୂରଭଞ୍ଜ ଖାଟଦଣ୍ଡବାର ଦମପୁର ମଧୁବନଠାରେ ହାତୀ ବନ୍ଧିବାର ସ୍ତମ୍ଭର ଭଗ୍ନାବଶେଷ

Digitized by srujanika@gmail.com